## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, କାରଣ ଅସ୍ପଷ୍ଟ

ଡାବୁଗାଁ,୧୫।୭(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ରେଭିନ୍ୟୁଗୁଡ଼ା ସାହିରେ ଗୁରୁବାର ଜଣେ ମହିଳା ଝୁଲନ୍ତା ମୃତଦେହ ଘରୁ ଜବତ କରାଯାଇଛି। ସେ ଆତ୍ମହତ୍ୟା କରିଥିବା ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ଡାବୁଗାଁ ଗ୍ରାମ ରେଭିନ୍ୟୁଗୁଡ଼ା ସାହିର କୃଷ୍ଣ ଓ ତାଙ୍କ ପ୍ରଥମ ସ୍ତ୍ରୀ ବୁଧବାର କାମ କରିବାକୁ ବାହାରକୁ ଯାଇଥିଲେ। ସନ୍ଧ୍ୟାରେ ମଜୁରି ଲାଗି ଫେରିବା ପରେ ଦ୍ୱିତୀୟ ସ୍ତ୍ରୀ ଡାଲିମ୍ବ(୩୦)ଘରେ ବେକରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିବା କୃଷ୍ଣ ଏବଂ ପ୍ରଥମ ସ୍ତ୍ରୀ ଦେଖିବାକୁ ପାଇଥିଲେ। ଘରେ କେହି ନ ଥିବା ସମୟରେ ସେ ଆତ୍ମହତ୍ୟା କରିଥିବା କୃଷ୍ଣ କହିଛନ୍ତି। ଖବର ପାଇ ଡାଲିମ୍ବଙ୍କ ବାପଘର ଲୋକେ ପହଞ୍ଚିଥିଲେ। ଏ ନେଇ ମୃତକଙ୍କ ଭାଇ ସାହେବ ସିଂ ଗୁରୁବାର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗା ପହଞ୍ଚି ମୃତଦେହ ଜବତ କରିବା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଥାନାରେ ୧୮/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

### ୨ ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା



ନବରଙ୍ଗପୁର,୧୫।୭(ବି.ପ୍ର.)-ନବରଙ୍ଗପୁର ଅଦାଲତର ରେଜିଷ୍ଟ୍ରାର ତଥା ସହକାରୀ ଦୌରା ଜଜ୍ ଅପର୍ଣ୍ଣା ମହାପାତ୍ର ଓ ଏସ୍‌ଡିଜେଏମ୍ ପ୍ରିୟରଞ୍ଜନ ଓଝାଙ୍କ ବଦଳି ଅବସରରେ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଶୁକ୍ରବାର ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ପାଦକ ରାମ ପ୍ରସାଦ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଓ ଦୌରାଜଜ୍ ସଞ୍ଜୀବ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପରିବାର ଅଦାଲତ ବିଚାରପତି ମୁନ ରାଣୀ ମିଶ୍ର, ଅତିରିକ୍ତ ଜିଲା ଜଜ୍(ପୋକ୍‌ସୋ) ପ୍ରଣତି ସାହା, ଅତିରିକ୍ତ ଜିଲା ଜଜ୍(ଆଡ୍‌ହକ) ନିରଞ୍ଜନ ସାହୁ, ଅତିରିକ୍ତ ଜିଲା ଜଜ୍ ଶିବ ପ୍ରସାଦ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ସୁଦାମ ଚରଣ ସାହୁ, ବରିଷ୍ଠ ଦେୱାନୀ ବିଚାରପତି ଅନ୍ନପୂର୍ଣ୍ଣା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ସରକାରୀ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସରକାରୀ ଆଇନଜୀବୀ ଆଶିଷ ରଞ୍ଜନ ପଟ୍ଟନାୟକ, ସିରାଜୁଦ୍ଦିନ ଅହମ୍ମଦ, ଦେବୀ ପ୍ରସାଦ ସିଂ, ମିନାକ୍ଷୀ ପାଢ଼ୀ, ହରି ନାରାୟଣ ବେହେରା, ରାଜ କିଶୋର ନାଗ, ସୁବୋଧ ଚନ୍ଦ୍ର ବେନ୍ୟା, ତପନ ସିଂ ପ୍ରମୁଖ ବକ୍ତବ୍ୟ ରଖି ଦୁଇ ବିଚାରପତି ନିଜ କାର୍ଯ୍ୟକାଳ ମଧ୍ୟରେ ଉତ୍ତମ କାର୍ଯ୍ୟ କରିଥିବା କହିଥିଲେ। ଏହି ଅବସରରେ ଦୁଇ ବିଚାରପତିଙ୍କୁ ସଂଘ ତରଫରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଫଟୋଚିତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ଅନୀଲ ଜ୍ୟୋତି ଚନ୍ଦ୍ର ଦୀନବନ୍ଧୁ ଧନ୍ୟବାଦ ଦେଇଥିଲେ।

### ଗଞ୍ଜାମରେ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୧୫।୭: ଗଞ୍ଜାମ ଜିଲାରେ ଚଳିତବର୍ଷ ପ୍ରଥମ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ଡେଙ୍ଗୁରେ ଆକ୍ରାନ୍ତ ମହିଳା ଜଣଙ୍କ ଭୁବନେଶ୍ୱରରେ ପରିବାର ସହ ରହୁଥିଲେ। ସେଠାରେ ତାଙ୍କୁ ଜ୍ୱର ହୋଇଥିଲା। ସେ ନିଜ ଘର ଗଞ୍ଜାମ ଅଞ୍ଚଳକୁ ପରିବାର ସହ ଗତ ୧୨ ତାରିଖରେ ଫେରିଥିଲେ। ଜ୍ୱର ନ କମିବାରୁ ଗତ ଗୁରୁବାର ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇ ଡେଙ୍ଗୁ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ତେବେ ମହିଳା ଜଣଙ୍କ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ରାତିରେ ଜଣାପଡ଼ିଥିଲା ବୋଲି ଜିଲା ସ୍ୱାସ୍ଥ୍ୟାଧିକାରୀ ଡା. ଉମାଶଙ୍କର ମିଶ୍ର ଶୁକ୍ରବାର ସୂଚନା ଦେଇଛନ୍ତି। ଡେଙ୍ଗୁ ଆକ୍ରାନ୍ତ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଗଞ୍ଜାମ ବ୍ଲକର ଏକ ସ୍ୱାସ୍ଥ୍ୟ ଟିମ ତାଙ୍କ ଗାଁକୁ ଯାଇ ସ୍ଥିତି ଯାଞ୍ଚ କରିବା ସହ ସ୍ଥାନୀୟ ଜନସାଧାରଣଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରିଥିଲେ। ସେହିପରି ଖାଲୁଆ ସ୍ଥାନରେ ଦୀର୍ଘଦିନ ଧରି ଜମି ରହୁଥିବା ସ୍ଥାନଗୁଡ଼ିକରେ ଏଡିସ୍ ମଶାର ଲାର୍ଭା ଅଛି କି ନାହିଁ ତାହା ମଧ୍ୟ ଯାଞ୍ଚ କରିଥିଲେ। ନାଳ ଓ ଖାଲୁଆ ଅଞ୍ଚଳରେ ଜମି ରହିଥିବା ପାଣିରେ ମଶା ନିପାତ ପାଇଁ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଟିମ ପରାମର୍ଶ ଦେଇଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୨୧ରେ ଜିଲାରେ ୩୩୩ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।

# ସକାରାତ୍ମକ ମନୋଭାବ, ଦୃଢ଼ ଇଚ୍ଛାଶକ୍ତି ସଫଳତା ଦେବ

## ଯୁବ ଦକ୍ଷତା ଦିବସ ପାଳିତ

ରାୟଗଡ଼ା ଅଫିସ,୧୫।୭



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ରାୟଗଡ଼ା ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସକାରାତ୍ମକ ମନୋଭାବ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଆଗକୁ ବଢ଼ିଲେ ନିଶ୍ଚିତ ଜୀବନରେ ସଫଳତା ହାସଲ କରିହେବ ବୋଲି ଉପସ୍ଥିତ ଛାତ୍ରୀଛାତ୍ର/ଯୁବତୀଯୁବକଙ୍କ ଉଦ୍ଦେଶ୍ୟରେ କହିଥିଲେ।

ଗ୍ରାମାଞ୍ଚଳରେ ଅଧାରୁ ପାଠ ଛାଡ଼ିଥିବା ବେକାର ଯୁବତୀ ଯୁବକଙ୍କୁ ଦିନଦାୟଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ତାଲିମ ପ୍ରଦାନ କଲେ ବେକାରୀ ସମସ୍ୟା ଦୂର ହେବ ବୋଲି କହିଥିଲେ। ସେହିପରି ଏମ୍‌ଏସ୍‌ଏମ୍‌ଇ ବିଭାଗର ଉପ ନିର୍ଦ୍ଦେଶକ ଏନ୍. କଟିରତ୍ନମ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବଗୋଷ୍ଠୀଙ୍କ ମଧ୍ୟରେ ଥିବା ଦକ୍ଷତାକୁ କାମରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅତୁଲ କୁମାର ପଣ୍ଡା ପ୍ରାରମ୍ଭିକ ଭାଷଣ ରଖି ବିଶ୍ୱ ଯୁବା ଦକ୍ଷତା ଦିବସର ଉଦ୍ଦେଶ୍ୟ, ଜିଲାରେ ତାଲିମ ନେବାପାଇଁ ଟ୍ରେଡ୍ ଓ ଦକ୍ଷତା ଭିତ୍ତିକ ବିକାଶ କ୍ଷେତ୍ରରେ ଅଗ୍ରଗତି ବିଷୟରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ନିଯୁକ୍ତି ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଟେଟେ, ଓର୍ମାସ ଡିପିଏମ୍ ମନୋଜ କୁମାର ପାତ୍ର, ଏଡିବି ଶାଖା ପ୍ରବନ୍ଧକ, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଆଇଟିଆଇର ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହାପରେ ନେତୃତ୍ୱ ପରିବର୍ତ୍ତନ ଶିକ୍ଷା ନିମନ୍ତେ ଶିକ୍ଷକ ଏସ୍.କେ.ସାହୁ ଏବଂ ଜି. ରବିଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପୂର୍ବତନ ଛାତ୍ର ରମାକାନ୍ତ ସାହୁ, ଜୟପ୍ରକାଶ ଜାଡେ ଏବଂ ମାଝି ଶ୍ରବଣକୁ ସମ୍ମାନିତ କରାଯାଇଥିଲା। ପ୍ରବନ୍ଧ, ବକ୍ତୃତା, କୁଇଜ୍ ଏବଂ କ୍ରୀଡ଼ା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଚାରାରୋପଣ ଏବଂ ଆନ୍ତଃ ଦକ୍ଷତା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ସହରର ୧୨ ହାଇସ୍କୁଲରୁ ପ୍ରାୟ ୬୧୫ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସାର ଦୋକାନୀଙ୍କୁ ତାଗିଦ କଲେ ଜିଲା କୃଷି ଅଧିକାରୀ


ଅଧିକାରୀମାନେ ସାର ଦୋକାନରେ ଯାଞ୍ଚ କରୁଛନ୍ତି ।

ଚନ୍ଦାହାଣ୍ଡି,୧୫।୭(ଡି.ଏନ.ଏ.)–

ନବରଙ୍ଗପୁର ଜିଲା କୃଷି ଅଧିକାରୀ ବିଜୟ କୁମାର ପଟ୍ଟନାୟକ ଶୁକ୍ରବାର ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ସାର ଦୋକାନ ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ଜିଲା କୃଷି ଅଧିକାରୀଙ୍କ ନେତୃତ୍ୱରେ ବ୍ଲକ କୃଷି ଅଧିକାରୀ ଗଜାନନ ସାହୁ, ସହକାରୀ କୃଷି ଅଧିକାରୀ ଅମିତ କୁମାର ମଲିକ ପ୍ରଥମେ ସୌମ୍ୟରଞ୍ଜନ ଖମାରିଙ୍କ ସାର ଦୋକାନ ଏହାପରେ ମହମ୍ମଦ ହନିଫ, ଚନ୍ଦାହାଣ୍ଡି ଲାମ୍ପ, ଦେବ ଟ୍ରେଡର୍ସ ଦେଓବନ୍ଧ ଆଦି ସାର ଦୋକାନ ପରିଦର୍ଶନ କରିଥିଲେ। ପରିଦର୍ଶନ ପରେ ସାର ଦୋକାନୀ ମାନେ ଦୋକାନ ସମ୍ମୁଖରେ ସାଇନ୍ ବୋର୍ଡ, ଦର ତାଲିକା, ଷ୍ଟକ୍ ପୋଜିସନ, ଲାଇସେନ୍ସ କପି ଟାଙ୍ଗିବାରେ ଅନିୟମିତତା ଲକ୍ଷ କରି ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଦୋକାନୀଙ୍କୁ ତାଗିଦ କରିଥିଲେ।

## ଦୋକାନ ସମ୍ମୁଖରେ ନାହିଁ ସାଇନ୍ ବୋର୍ଡ, ଦର ତାଲିକା

କେତେକ ଦୋକାନରେ ଷ୍ଟକ ଖାତା ଓ ବିକ୍ରୟ ଖାତା ଠିକ୍ ନ ଥିବାରୁ ପରବର୍ତ୍ତି ପରିଦର୍ଶନ ସମୟରେ ଠିକ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରକାଶ ଯେ, ଚନ୍ଦାହାଣ୍ଡି ବ୍ଲକରେ ଚାଷୀମାନେ ସାର ବ୍ୟବହାର ଅଧିକ କରୁଥିବା ସହ ଜଙ୍ଗଲ ଜମିରେ ମକା ଚାଷ କରୁଥିବାରୁ ଆବଶ୍ୟକ ପରିମାଣରୁ ଅଧିକ ସାର ଆବଶ୍ୟକ ପଡୁଛି । ସରକାର କୃଷି ବିଭାଗର ଚାଷ ଅନୁସାରେ ସାର ଯୋଗାଉଛନ୍ତି। ଜଙ୍ଗଲ ଜମିରେ ଚାଷ ପାଇଁ ସାର ଯୋଗାଉ ନାହାନ୍ତି । ଏହାର ସୁଯୋଗ ନେଇ କିଛି ବ୍ୟବସାୟୀ ଛତିଶଗଡ଼ରୁ ନକଲି ସାର ଆଣି ବିକ୍ରି କରୁଥିବା ଅଭିଯୋଗ ହେଉଥିଲା।

# ନବରଙ୍ଗପୁର ଜିଲାରେ ୪୩ କେନ୍ଦ୍ରରେ ମାଗଣା ବୁଷ୍ଟର ଡୋଜ୍

ନବରଙ୍ଗପୁର,୧୫।୭(ବି.ପ୍ର.)


ପ୍ରଥମ ଦିନରେ ସ୍ୱାସ୍ଥ୍ୟକର୍ମୀ ଜଣେ ମହିଳାଙ୍କୁ ଟିକା ପ୍ରଦାନ କରୁଛନ୍ତି।

ସରକାରଙ୍କ ନିର୍ଦ୍ଦେଶ କ୍ରମେ ସାରା ଦେଶରେ ୧୮ ରୁ ୫୯ ବର୍ଷ ବର୍ଗଙ୍କୁ ଶୁକ୍ରବାର ଠାରୁ କରୋନା ବୁଷ୍ଟର ଡୋଜ୍ ମାଗଣାରେ ପ୍ରଦାନ କରାଯାଇଛି। ନବରଙ୍ଗପୁର ଜିଲାରେ ମଧ୍ୟ ଟିକାକରଣ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ କମଳ ଲୋଚନ ମିଶ୍ର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ୭୫ ଦିନ ଅର୍ଥାତ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଜିଲାରେ ୪୩ ଟୀକାକରଣ କେନ୍ଦ୍ର କରାଯାଇଛି। ଜିଲାରେ ୧୮ ରୁ ୫୯ ବର୍ଷ ବର୍ଗର ୭ ଲକ୍ଷ ୪୨ ହଜାର ୮୬ ଜଣ ରହିଛନ୍ତି। ଜିଲାରେ ପର୍ଯ୍ୟାପ୍ତ ପରିମାଣର ଟିକା ମହଜୁଦ ଥିବାବେଳେ ସରକାର ଶୀଘ୍ର ୨୦ ହଜାର ଟିକା ପ୍ରଦାନ କରିବେ ବୋଲି ଜିଲାପାଳ କହିଛନ୍ତି। ଏବେ ଜିଲାରେ ୯ କରୋନା ପଜିଟିଭ ମାମଲା ରହିଥିବାବେଳେ ଦୈନିକ ୩୦୦ ରୁ ୪୦୦ ଟେଷ୍ଟ କରାଯାଉଥିବା ସୂଚନା ଦେଇଛନ୍ତି।

# ଦେଓପାଲି ବନ୍ଧ କାର୍ଯ୍ୟ ତଦାରଖ କଲେ ବିଡିଓ

ତେନ୍ତୁଲିଖୁଣ୍ଟି,୧୫।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଦେଓପାଲି ବନ୍ଧର ତୃତୀୟ ଫାଟକ ସାମାନ୍ୟ ଖୋଲା ରହିବା ଓ ଜଳ ନିଷ୍କାସିତ ହେଉଥିବା ଖବର ଧରିତ୍ରୀ ରେ ପ୍ରକାଶ ପାଇବା ପରେ ବିଡିଓ ଦୁର୍ଯ୍ୟୋଧନ ଭୋଇ ସ୍ଥିତି ପରଖିଥିଲେ। ଦେଓପାଲି ଡ୍ୟାମ୍‌ର ଫାଟକ ଗୁଡିକର ସ୍ଥିତି, ଜଳଭଣ୍ଡାରର ଜଳ ପତ୍ତନ ବୃଦ୍ଧି ପାଇଲେ ଫାଟକ ଖୋଲିବାରେ କୌଣସି ସମସ୍ୟା ଅଛି କି ନାହିଁ ଆଦି ବୈଷୟିକ ବିବରଣୀ ନେଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅନୀଲ କୁମାର ପାଣିଗ୍ରାହୀଙ୍କ ସହ ଫୋନ୍‌ରେ କଥାବାର୍ତ୍ତା ହୋଇଥିଲେ। କୌଣସି ବିପଦ ନ ଥିବା ନେଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅବଗତ କରାଇଥିଲେ। ତୃତୀୟ ଫାଟକ ଖୋଲା ରହିବାର କାରଣ କହିବା ସହ ଆଗାମୀ ଦିନରେ ଫାଟକର ମରାମତି କରାଇବା ନେଇ ଯୋଜନା ରହିଥିବା ସେ କହିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଦୁଇ ବର୍ଷ ହେଲା ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପର ଭଣ୍ଡାର ଓ ଯାନ୍ତ୍ରିକ ବିଭାଗର ତତ୍ତ୍ୱାବଧାନରେ ଓଡ଼ିଶା ନିର୍ମାଣ ନିଗମ ଦ୍ୱାରା ଫାଟକ ମରାମତି ଓ ପରିଚାଳନା କରାଯାଉଛି ବୋଲି ଅବଗତ କରାଇଥିଲେ। ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ସହ ଆଇଆଇସି ପ୍ରମୋଦ ନାୟକ,ଏସ୍‌ଆଇ ସୁନୀଲ ପ୍ରଧାନ, ସୌମ୍ୟ ରଞ୍ଜନ ନାୟକ ଓ ରାମଚନ୍ଦ୍ର ଖଣ୍ଡଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ୨୮ ଖଣ୍ଡ ଶାଗୁଆନ ଗଣ୍ଡି ଜବତ, ଜଣେ ଗିରଫ

ରାଇଘର,୧୫।୭(ଡି.ଏନ୍.ଏ.)



ନବରଙ୍ଗପୁର ଜିଲା ରାଇଘର ବନ ବିଭାଗ ଟିମ୍ ଗୁରୁବାର ରାତିରେ ପାଟ୍ରୋଲିଂବେଳେ କୁସୁମପୁର-ଜୈଲଗୁଡ଼ା ନିକଟରେ ଏକ ସାଗୁଆନ କାଠ ବୋଝେଇ ପିକ୍‌ଅପକୁ ଜବତ କରିଛି। ସେଥିରୁ ୨୮ ଖଣ୍ଡ ସାଗୁଆନ କାଠ ଗଣ୍ଡି ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ପିକ୍‌ଅପ ଚାଳକ ଜାକିର୍ ଖାନ୍(୫୩)।

ସୂଚନା ଅନୁଯାୟୀ, ରାଇଘର ବନପାଳ ରାମଚନ୍ଦ୍ର ଜାନି, ଭୁବନେଶ ପୂଜାରୀ, ଲାଲୁ ବିଶୋଇ, ହେମନ୍ତ ହରିଜନ, ଗୋକୁଳ ମଣ୍ଡଳଙ୍କ ସମେତ ପାରା କର୍ମଚାରୀ ରାଇଘର ବନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପାଟ୍ରୋଲିଂ କରୁଥିଲେ। କୁସୁମପୁର ଜୈଲଗଡ଼ା ନିକଟରେ ଏକ ପିକ୍‌ଅପ(ଓଆର୍ ୨୪ ୧୯୫୯)କୁ ଦେଖି ବନ କର୍ମଚାରୀମାନେ ଅଟକାଇଥିଲେ। ଯାଞ୍ଚବେଳେ ସେଥିରେ ସାଗୁଆନ ଗଣ୍ଡି ଥିବା ଜଣାପଡ଼ିଥିଲା। ଗାଡ଼ିକୁ ରାଇଘର ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଚାଳକଙ୍କୁ ପଚରାଉଚରା ବେଳେ କାଠଗଣ୍ଡି କୁନ୍ଦେଇ ଥାନା ଅନ୍ତର୍ଗତ ସମ୍ବଲପୁରରୁ ସୋନପୁର ଗ୍ରାମକୁ ଯାଉଥିବା ଜଣାପଡ଼ିଥିଲା। ଜବତ କାଠର ମୂଲ୍ୟ ପ୍ରାୟ ୧ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ବନପାଳ କହିଛନ୍ତି।

# ବାପାଙ୍କ ସମ୍ମୁଖରେ ପୋଖରୀରେ ବୁଡ଼ି ଝିଅର ମୃତ୍ୟୁ

ଉମରକୋଟ,୧୫।୭(ସ୍ୱ.ପ୍ର.)

ଶୌଚ ପାଇଁ ଯାଇ ଆଖି ଆଗରେ ପୋଖରୀରେ ବୁଡ଼ିଗଲା ଝିଅ। ସବୁ ଦେଖି ଚିତ୍କାର କରୁଥିଲେ ମଧ୍ୟ ବାପା ବଞ୍ଚାଇପାରି ନ ଥିଲେ। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ସଦର ଗ୍ରାମରେ ଶୁକ୍ରବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ତୋହରା ଗ୍ରାମର ସପାଲ ମାଝିଙ୍କ ଝିଅ ମନମତି(୧୩)।

ସୂଚନା ଅନୁଯାୟୀ, ସପାଲ ପକ୍ଷାଘାତ ରୋଗରେ ପୀଡ଼ିତ। ଝିଅ ମନମତି ବାପାଙ୍କୁ ନେଇ ଜମି ନିକଟକୁ ଯାଇଥିଲେ। ଏହି ସମୟରେ ଝିଅ ନିକଟ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ବୁଡ଼ିଯାଇଥିଲେ। ବାପା ଏହା ଦେଖି ଚିତ୍କାର କରିଥିଲେ ମଧ୍ୟ ପକ୍ଷାଘାତ ଯୋଗୁ ଝିଅକୁ ବଞ୍ଚାଇବାକୁ ଯାଇପାରି ନ ଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ମନମତିଙ୍କୁ ପୋଖରୀରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ପୋଖରୀରୁ ବାହାର କରିଥିଲେ। ଉମରକୋଟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ୫୫/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କ

ଗୁଣପୁର,୧୫।୭(ଡି.ଏନ୍.ଏ.)




ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଚଳିତ ବର୍ଷ ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ଏନ୍‌ଆଇଆର୍‌ଏଫ୍ (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ର୍ୟାଙ୍କିଂ ଫ୍ରେମ୍‌ୱର୍କ)ର ଇଞ୍ଜିନିୟରିଂ ବର୍ଗରେ ର୍ୟାଙ୍କ ବ୍ୟାଣ୍ଡ-୨୫୧-୩୦୦ ରେ ମାନ୍ୟତା ମିଳିଛି। ଏହା ବିଶ୍ୱବିଦ୍ୟାଳୟର ଉଚ୍ଚ କୋଟିର ଶିକ୍ଷାଦାନ, ଗବେଷଣା, ଉନ୍ନତ ଭିତ୍ତିଭୂମି, ଛାତ୍ରୀଛାତ୍ରଙ୍କ ଶିକ୍ଷାରେ କୃତିତ୍ୱ, ତାଲିମ ଓ ନିଯୁକ୍ତି କ୍ଷେତ୍ରରେ ସଫଳତା ଆଧାରରେ ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ସତ୍ୟ ପ୍ରକାଶ ପଣ୍ଡା, ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଜଗଦୀଶ ପଣ୍ଡା, କୁଳପତି ଗୌତମ ଘୋଷ, ରେଜିଷ୍ଟ୍ରାର ଏନ୍. ଭି. ଜଗନ୍ନାଥ ରାଓ ପ୍ରମୁଖ ଅନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର, ଅଭିଭାବକ ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନନ୍ଦାହାଣ୍ଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ଧାନମଣ୍ଡି ପଞ୍ଜୀକରଣ ଆରମ୍ଭ

ନନ୍ଦାହାଣ୍ଡି,୧୫।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ଚଳିତ ବର୍ଷର ଧାନବିକ୍ରି ପାଇଁ ମଣ୍ଡିକାର୍ଡରେ ପଞ୍ଜୀକରଣ ଆରମ୍ଭ ହୋଇଛି। ମଣ୍ଡି କାର୍ଡ ପାଇଁ ଆବେଦନ ଫର୍ମ ବଣ୍ଟନ ହୋଇଥିବା ବେଳେ ୧୮ ରୁ ଅନ୍‌ଲାଇନ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ। ମହିଳା ଏସ୍‌ଏଚ୍‌ଜିଙ୍କୁ ସଶକ୍ତ କରିବା ପାଇଁ ସରକାରଙ୍କ ଯୋଜନା ଅନୁଯାୟୀ ମଣ୍ଡିକାର୍ଡର ପଞ୍ଜୀକରଣ କାର୍ଯ୍ୟ ପାଇଁ ଇଚ୍ଛୁକ ଏସ୍‌ଏଚ୍‌ଜିଙ୍କୁ ଦାୟିତ୍ୱ ଦିଆଯାଇଛି। ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତର ମଣ୍ଡି କାର୍ଡ ପଞ୍ଜୀକରଣ ଦାୟିତ୍ୱ ମହାଲକ୍ଷ୍ମୀ ଏସ୍‌ଏଚ୍‌ଜି ନେଇଥିବା ବେଳେ ଜଗନ୍ନାଥପୁର ପଞ୍ଚାୟତର ଦାୟିତ୍ୱ ସରୋଜିନୀ ଏସ୍‌ଏଚ୍‌ଜିକୁ ଦିଆଯାଇଛି। ପଞ୍ଚାୟତବାସୀଙ୍କ ଅବଗତି ପାଇଁ ଦୁଇ ଏସ୍‌ଏଚ୍‌ଜି କାର୍ଡ ପଞ୍ଜୀକରଣ ନିମନ୍ତେ ମାଇକ ଯୋଗେ ସୂଚନା ଦେଇଛନ୍ତି। ଗତ ବର୍ଷ ଏହି ଦୁଇ ଏସ୍‌ଏଚ୍‌ଜି ଅତି ସୁରୁଖୁରୁରେ ମଣ୍ଡି କାର୍ଡ ପଞ୍ଜିକରଣ ଏବଂ ଧାନ କିଣିଥିବାରୁ ଏ ବର୍ଷ ବି ଲୋକେ ସୁବିଧାରେ ମଣ୍ଡି କାର୍ଡ ପାଇପାରିବେ ଏବଂ ସୁବିଧାରେ ଧାନ ବିକ୍ରି କରିପାରିବେ ବୋଲି ବୁଦ୍ଧିଜୀବୀ ଏବଂ ସ୍ଥାନୀୟ ଚାଷୀ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଆନ୍ତର୍ଜାତିକ ରେଫରିଙ୍କୁ ଆର୍ଥିକ ସହାୟତା

ଉମରକୋଟ,୧୫।୭(ସ୍ୱ.ପ୍ର.)–

ଜୁଲାଇ ୨୦ ରୁ ୩୧ ପର୍ଯ୍ୟନ୍ତ ମାଲେସିଆର ମେଲାକ ସହରରେ ଅନ୍ତର୍ଜାତୀୟ ପେନ୍‌ଚାକ ସିଲାଟ ସଂଘ ପକ୍ଷରୁ ଆନ୍ତର୍ଜାତିକ ରେଫରୀ ଓ ଜଜ୍‌ଙ୍କ ନିମନ୍ତେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିସହ ୧୯ ତମ ବିଶ୍ୱ ପେନ୍‌ଚାକ ଚାମ୍ପିୟନଶିପ୍ ଆୟୋଜିତ ହେବ। ଏଥିରେ ରେଫରି ଭାବେ ଭାରତରୁ ୩ ଜଣ ମନୋନୀତ ହୋଇଛନ୍ତି। ସେଥିରେ ଓଡ଼ିଶାରୁ ଜଣେମାତ୍ର ରେଫରୀ ଭାବେ ନବରଙ୍ଗପୁରର ହରିଶ ଚନ୍ଦ୍ର ବେହେରା ମନୋନୀତ ହେଇଛନ୍ତି।

ତେବେ ହରିଶଙ୍କ ଯାତ୍ରା, ରହିବା ଓ ଅନ୍ୟ ଖର୍ଚ୍ଚ ବାବଦକୁ ଭାରତର ପେନ୍‌ଚାକ ସିଲାଟ ସଂଘ ୨ ଲକ୍ଷ ଟଙ୍କା ଜମା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏତେ ଟଙ୍କା ଯୋଗାଡ଼ କରିବା ହରିଶଙ୍କ ପକ୍ଷେ କଷ୍ଟକର ଥିଲା। ତଥାପି ହରିଶଙ୍କୁ ଜିଲା ପ୍ରଶାସନ ଓ ତାଙ୍କ ସାଙ୍ଗ ସାଥୀ କିଛି ଆର୍ଥିକ ସହାୟତା କରିଛନ୍ତି। ଯାଦବ ମାଝି ସାମାଜିକ ସାଂସ୍କୃତିକ ବିକାଶ ପରିଷଦର ଜିଲା ସଭାପତି କାଜାମ ମଦାନିଙ୍କୁ ମଧ୍ୟ ଆର୍ଥିକ ସହାୟତା ନିମନ୍ତେ ହରିଶ ଚିଠି କରି ଅନୁରୋଧ କରିଥିଲେ। ସେ ଅନୁରୋଧ ରକ୍ଷା କରି ଉମରକୋଟ ଠାରେ ହରିଶଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ କାଜାମ ମଦାନିଙ୍କ ସମେତ ଉପସଭାପତି ମନୋଜ କୁମାର ଶର୍ମା, ସାଧାରଣ ସମ୍ପାଦକ ଶ୍ରୀନିବାସ ପଟ୍ଟନାୟକ, ସମିତି ସଭ୍ୟ ବିକ୍ରମ ସିଂ, ଆଇନଜୀବୀ ସୀମାଞ୍ଚଳ ମଲିକ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ପବିତ୍ର ଗରଡ଼ା ପ୍ରମୁଖ ଉପସ୍ଥିତ ଥିଲେ।


ଯାଦବ ମାଝି ସାମାଜିକ ସାଂସ୍କୃତିକ ବିକାଶ ପରିଷଦ ପକ୍ଷରୁ ହରିଶଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

# ବୁଡ଼ିଲା ପୁରୁଣା ମୋଟୁ ସମେତ ଅନେକ ଗ୍ରାମ

ମାଲକାନଗିରି,୧୫।୭(ଡି.ଏନ.ଏ.)–


ପୁରୁଣା ମୋଟୁ ଅଞ୍ଚଳରେ ବନ୍ୟାଜଳ।

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମାଲକାନଗିରି ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ଯୋଗୁ ମୋଟୁ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସିଲେରୁ ଓ ସାବେରୀ ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଗୋଦାବରୀ ନଦୀରେ ତୃତୀୟ ବିପଦ ସଂକେତ ୫୩ ଫୁଟ ରହିଛି। ବର୍ତ୍ତମାନ ସେଠାରେ ଜଳସ୍ତର ୬୮ ଫୁଟ । ଜିଲାର ୭ଟି ବ୍ଲକ ମଧ୍ୟରୁ କୋରୁକୋଣ୍ଡା ବ୍ଲକରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ବ୍ଲକରେ ୩୪.୪, ମାଥିଲିରେ ୨୨, ଖଇରପୁଟରେ ୩୬, ଚିତ୍ରକୋଣ୍ଡାରେ ୪୨, କାଲିମେଳାରେ ୨୦ ଓ ପଡ଼ିଆ ବ୍ଲକରେ ୩୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସେହିପରି ଜିଲାରେ ପୋଲାଭରମରୁ ଆସୁଥିବା ପଛୁଆ ଜଳ ସମସ୍ୟା ବଢ଼ାଇଛି। ପୋଲାଭରମର ଏହି ଜଳ ଯୋଗୁ ସିଲେରୁ ଓ ସାବେରୀ ନଦୀରେ ନିଷ୍କାସିତ ହୋଇ ନ ପାରିବାରୁ ଜିଲାର ମୋଟୁରେ ବନ୍ୟା ସ୍ଥିତି ଉପୁଯାଇଛି। ଫଳରେ ବାରିବାଞ୍ଚା, ବିନାୟକପୁର, ଆଲମା ଓ ମୁରଲିଗୁଡ଼ା ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ମୁର୍ଗି ପଏଣ୍ଟ ଓ ପୁରୁଣା ମୋଟୁ ଜଳାର୍ଣ୍ଣବ ହେବାରୁ ଅନେକ ଲୋକଙ୍କ ଘର ବନ୍ୟାପାଣିରେ ବୁଡ଼ି ଯାଇଛି। ପ୍ରଶାସନ ପକ୍ଷରୁ ୧୧ଟି ପରିବାରକୁ ବନ୍ୟାଘେରରୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ଅଣାଯାଇଛି। ସେମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ଶୁକ୍ରବାର ଜିଲାପାଳ ବିଶାଳ ସିଂ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମୋଟୁ ଗସ୍ତକରି ସ୍ଥିତି ସମୀକ୍ଷା କରିଛନ୍ତି। ଧୀରେ ଧୀରେ ମୋଟୁ ଅଞ୍ଚଳରେ ଜଳସ୍ତର ବୃଦ୍ଧି ପାଇବାରୁ ମୁଖ୍ୟ ସଡକ ଉପରେ ଡଙ୍ଗା ଦ୍ୱାରା ଲୋକଙ୍କୁ ଉଦ୍ଧାର କରାଯାଇଛି। ମୋଟୁ ଓ ଆନ୍ଧ୍ର ସୀମାନ୍ତରେ ଥିବା ନିଲିପାକା ଗ୍ରାମ ନିକଟସ୍ଥ ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ଗତ ୫ ଦିନ ଧରି ୬ ଫୁଟ ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରି ଜିଲାର ମୋଟୁ ସହ ଆନ୍ଧ୍ର, ତେଲଙ୍ଗାନା ଓ ଛତିଶଗଡ଼ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ମୋଟୁ ସୀମାନ୍ତରେ ଶତାଧିକ ଯାନବାହନ ଅଟକି ରହିଛି। ପରିସ୍ଥିତି ଉପରେ ନଜର ରଖିବା ଲାଗି ଜିଲାପାଳ ସମସ୍ତ ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜିଲାପାଳ କଲେ ସ୍ଥିତି ସମୀକ୍ଷା

- ପୋଲାଭରମର ପଛୁଆ ଜଳ ସମସ୍ୟା ବଢ଼ାଇଛି
- ୧୧ ପରିବାରକୁ ବନ୍ୟା ଘେରରୁ ଉଦ୍ଧାର କରାଯାଇଛି
- ୩୨୬ ନମ୍ବର ଜାତୀୟ ରାଜପଥରେ ୬ ଫୁଟର ବନ୍ୟାଜଳ

## ସଂକ୍ଷେପରେ

### କୋରାପୁଟ ଜିଲାରେ ସର୍ବାଧିକ ୨୭୭ ମି.ମି. ବର୍ଷା ରେକର୍ଡ

### କୋଟପାଡରେ ସର୍ବାଧିକ ସର୍ବନିମ୍ନ ବର୍ଷା

କୋରାପୁଟ,୧୫।୭(ସ୍ୱ.ପ୍ର.)- କୋରାପୁଟ ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୨୭୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ଜିଲାର କୋଟପାଡ ବ୍ଲକରେ ସର୍ବାଧିକ ୪୪ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ପଟ୍ଟାଙ୍ଗୀ ବ୍ଲକରେ ସର୍ବନିମ୍ନ ୬.୨ ମିମି ବର୍ଷା ରେକର୍ଡ ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଜିଲାର ଲମତାପୁଟ ବ୍ଲକରେ ୨୩.୪ ମିମି, କୁନ୍ଦୁରା ବ୍ଲକରେ ୩୩.୨ ମିମି, କୋରାପୁଟ ବ୍ଲକରେ ୧୪.୮ ମିମି, ଦଶମନ୍ତପୁର ବ୍ଲକରେ ୩୯ ମିମି, ବୈପାରିଗୁଡା ବ୍ଲକରେ ୩୩ ମିମି, ଜୟପୁର ବ୍ଲକରେ ୧୬.୪ ମିମି, ଲକ୍ଷ୍ମୀପୁର ବ୍ଲକରେ ୮ ମିମି, ସେମିଳିଗୁଡା ବ୍ଲକରେ ୯ ମିମି , ନାରାୟଣପାଟଣା ବ୍ଲକରେ ୮.୬ ମିମି , ନନ୍ଦପୁର ବ୍ଲକରେ ୨୫ ମିମି, ବନ୍ଧୁଗାଁ ବ୍ଲକରେ ୮ ମିମି , ବୋରିଗୁମ୍ମା ବ୍ଲକରେ ୮.୪ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି । ଜିଲାରେ ପ୍ରବଳ ବର୍ଷା ଯୋଗୁ ଉପଇନ୍ଦ୍ରାବତୀ ଜଳ ଭଣ୍ଡାରରେ ବର୍ତ୍ତମାନ ଜଳସ୍ତର ୬୩୧.୬୯ ମିଟରକୁ ବୃଦ୍ଧି ପାଇଥିବାବେଳେ ତେଲେଙ୍ଗିରି ଜଳଭଣ୍ଡାରରେ ଜଳ ସ୍ତର ୬୨୪.୪୦ ମିଟର ହୋଇଛି । ସେହିପରି କୋରାପୁଟର ଅପର କୋଲାବ ଜଳ ଭଣ୍ଡାରର ଜଳସ୍ତର ୮୪୬.୭୫ ମିଟରକୁ ବୃଦ୍ଧି ପାଇଥିବା ଜିଲା ଜରୁରୀ ବିଭାଗ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି।

### ଶ୍ରାବଣ ମାସରେ ଗୁପ୍ତେଶ୍ୱରରେ ସୁପରିଚାଳନା ନେଇ ବୈଠକ

ଜୟପୁର, ୧୫।୭ (ନି.ପ୍ର.)-ବୁଧବାର ଶେଷ ହୋଇଛି ଆଷାଢ ମାସ। ଗୁରୁବାରଠାରୁ ଅରମ୍ଭ ହୋଇଛି ଶ୍ରାବଣ ମାସ। ଏହି ମାସରେ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ପୀଠରେ ବୋଲ ବୋମ ଭକ୍ତଙ୍କ ଭିଡ ଜମି ଚଳଚଞ୍ଚଳ ହେବ। ଏନେଇ ପ୍ରଶାସନ ପକ୍ଷରୁ ଗୁପ୍ତେଶ୍ୱର ପୀଠର ସୁପରିଚାଳନା ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଛି । ଦେବୋତ୍ତର ଅଧିକାରୀ ତଥା ତହସିଲଦାର ପ୍ରଧାନ ଟୁଲ୍ଲୁ ଆମ୍ପା ଅଧକ୍ଷତା କରିଥିଲେ। ଉପଜିଲାପାଳ ବେଦବର ପ୍ରଧାନ, ବୈପାରିଗୁଡା ବିଡିଓ ଅଭିମନ୍ୟୁ କବି ଶତପଥୀ ଉପସ୍ଥିତ ରହି ଭକ୍ତଙ୍କ ଭିଡକୁ ଆଳନ କରି ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ରାମଗିରିଠାରୁ ଗୁପ୍ତେଶ୍ୱର ରାସ୍ତା ୱାନ ୱେ କରିବା, କାନ୍ଦୁଲବେଡା ଦେଇ ଗୁପ୍ତେଶ୍ୱର ଯାଇ ଡକରାଡକରି ଘାଟି ଦେଇ ଫେରିବା, ପାନୀୟ ଜଳ, ବିଦ୍ୟୁତ ସମସ୍ୟା ନେଇ ବୈଠକରେ ଆଲୋଚନା ହୋଇଥିଲା। ଭକ୍ତମାନଙ୍କ ରହିବା ପାଇ ୩ଟି ସେଡର ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ସାବେରୀ ନଦୀରେ ପାଣି ସ୍ରୋତ ଅଧିକ ଥିବାରୁ ଭକ୍ତମାନେ ଯେପରି ନଦୀରେ ନ ଗାଧୋଇବେ ସେଥିପାଇଁ ବାରିକେଡ କରିବାକୁ ନିଷ୍ପତ୍ତି ହୋଇଛି । ଭକ୍ତମାନେ ଲାଇନରେ ଯାଇ ବାବା ଗୁପ୍ତେଶ୍ୱରଙ୍କୁ ଦର୍ଶନ କରିବେ। ଶ୍ରାବଣ ମାସର ରବିବାର ଓ ସୋମବାର ଦମକଳ ବାହିନୀ ଓ ଓଡ୍ରାଫ ଟିମ୍ ମୁତୟନ ହେବେ। ଠାକୁରଙ୍କ ନାମରେ ଯେପରି ଅଶ୍ଳୀଳ ଗୀତ ନ ବାଜେ ସେଥିପ୍ରତି ନଜର ରଖିବାକୁ ପୋଲିସ ପ୍ରଶାସନ କୁହାଯାଇଛି। ଯେଉଁମାନେ ଅଶ୍ଳୀଳ ଗୀତ ବଜାଇବେ ସେମାନଙ୍କଠାରୁ ଜରିମାନା ଆଦାୟକରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ବୈପାରିଗୁଡା ପୋଲିସ, ବିଦ୍ୟୁତ ବିଭାଗ, ଆର ଡବ୍ଲ୍ୟୁଏସ୍ଏସ୍, ଯନ୍ତ୍ରୀ. ରାସ୍ତା ଓ ଗୃହ ବିଭାଗ ଯନ୍ତ୍ରୀ, ଦେବୋତ୍ତର କର୍ମଚାରୀ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଡୁମ୍ବାଗୁଡ଼ାରେ ଝାଡ଼ାବାନ୍ତି: ଜଣେ ମୃତ, ୭ ଆକ୍ରାନ୍ତ

ଦଶମନ୍ତପୁର,୧୫।୭( ଡି.ଏନ୍.ଏ.)


ଡୁମ୍ବାଗୁଡ଼ାରୁ ଜଣେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଦଶମନ୍ତପୁର ପଠାଯାଉଛି।

- ଦୂଷିତ ଜଳ ବ୍ୟବହାର ଓ ପଣସ ଖାଇବା ଯୋଗୁ ବ୍ୟାପିଛି ଏହି ରୋଗ
- ଗ୍ରାମରେ ଚିକିତ୍ସା ସୁବିଧା ଯୋଗାଇଛନ୍ତି ଡାକ୍ତରୀ ଟିମ୍
- କୋରାପୁଟ ସ୍ଥାନାନ୍ତର ହୋଇଛନ୍ତି ଜଣେ ଆକ୍ରାନ୍ତ

କେରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତରେ ଦେଖାଦେଇଛି ଝାଡ଼ାବାନ୍ତି। ଏଥିରେ ଜଣକର ମୃତ୍ୟୁ ହୋଇଛି। ମୃତକ ହେଲେ କାଳିଚନ୍ଦ୍ର ଗୌଡ଼ (୬୦) । ଖବରରୁ ଜଣାପଡ଼ିଛି ଏହି ପଞ୍ଚାୟତ ଅନ୍ତର୍ଗତ ହାତୀମୁଣ୍ଡା ଗ୍ରାମର କାଳିଚନ୍ଦ୍ର ଗୌଡ଼ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାରୁ ତାଙ୍କୁ ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାରର ସ୍ତ୍ରୀ ଓ ପୁଅ ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ପୁଅ କୋରଫୁଲ ଗୌଡ଼ (୩୦) ବାପାଙ୍କୁ ଦେଖିବାକୁ ଡାକ୍ତରଖାନା ଆସି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେହିପରି କାଳୀଚନ୍ଦ୍ରଙ୍କ ସ୍ତ୍ରୀ ଗୌରୀ ମଧ୍ୟ ଏହି ରୋଗର ଶିକାର ହେବା ପରେ ତାଙ୍କୁ ରାୟଗଡ଼ା ଜିଲାର ଉଷାପୋଡ଼ା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ସଦର ପଞ୍ଚାୟତର ବୈଦି ନାୟକ ପ୍ରଥମେ ଝାଡ଼ାବାନ୍ତିରେ ପୀଡ଼ିତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଡୁମ୍ବାଗୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ୩ ଦିନ ହେଲା ସେ ଚିକିତ୍ସାଧୀନ ଥିବା ପୁଅ ଭାଗୀରଥି କହିଛନ୍ତି। ସେହିପରି ଏହି ପଞ୍ଚାୟତର ହରିଶ୍ଚନ୍ଦ୍ର ଗୌଡ଼, ତୁଡା ଗୌଡ଼, ଲୋକନାଥ ଗୌଡ଼ ଏବଂ ପୀତବାସ ଗୌଡ଼ ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀରାମ ପରିଡ଼ା ଓ ଡାକ୍ତର ଅଂଶୁମାନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏକ ୬ ଜଣିଆ ଟିମ୍ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗ୍ରାମରେ ଥିବା ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦଶମନ୍ତପୁର ସ୍ୱାସ୍ଥକେନ୍ଦ୍ରକୁ ଆଣିଛନ୍ତି। ସେହିପରି ଏହି ଡାକ୍ତରୀ ଟିମ୍ ନିକଟସ୍ଥ ନାଳମାରୀ ଓ ବେଲଗଛ ଗ୍ରାମକୁ ଯାଇ ମଧ୍ୟ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ତେବେ ଦୂଷିତ ଜଳ ବ୍ୟବହାର କରିବା ଏବଂ ପଣସ ଖାଇବା ଯୋଗୁ ଲୋକେ ଏପରି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଡାକ୍ତର ପରିଡ଼ା କହିଛନ୍ତି।

# ଓଡ଼ିଶା ସରକାରଙ୍କ ଅବହେଳାର ସୁଯୋଗ ନେଉଛି ଆନ୍ଧ୍ର

କୋରାପୁଟ,୧୫।୭(ସ୍ୱ.ପ୍ର.)

- କୋଟିଆରେ ଅନୁପ୍ରବେଶ କରୁଛି
- ମୋବାଇଲ ଟାୱାର ସ୍ଥାପନ ନେଇ କଲା ସର୍ଭେ

ଓଡ଼ିଶାର କୋରାପୁଟ ଜିଲା ସୀମାନ୍ତ କୋଟିଆ ପଞ୍ଚାୟତ ନେଇ ଉଭୟ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ସୀମା ବିବାଦ ଲାଗି ରହିଥିବାବେଳେ ଗୁରୁବାର ଏହାକୁ ଆଉ ପାଦେ ଆଗେଇନେବାକୁ ଉଦ୍ୟମ କରିଛି ଆନ୍ଧ୍ର। କୋଟିଆଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଜିଓ ମୋବାଇଲ ସେବା ଯୋଗାଇଦେବା ଲାଗି ନିର୍ଦ୍ଦେଶ ଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ଅବହେଳାରୁ ତାହା ଏଯାଏ ସମ୍ଭବ ହୋଇନାହିଁ। ଏହାର ସୁଯୋଗ ନେଇ ଆନ୍ଧ୍ରର ଜିଓ ମୋବାଇଲ ସେବା ପ୍ରଦାନକାରୀ ଟିମ୍ ଗୁରୁବାର କୋଟିଆରେ ପ୍ରବେଶକରି ଏଥିପାଇଁ ସର୍ଭେ କରିଛି। କୋଟିଆ ପଞ୍ଚାୟତର ୩୮ଟି ଗ୍ରାମ ପାଇଁ କୋଟିଆ ଓ ଥୁରିଆ ଗ୍ରାମରେ ୨ଟି ଟାୱାର ବସାଇବାକୁ ଆନ୍ଧ୍ର ନିଷ୍ପତ୍ତି ନେଇଛି। ଜିଓ ଷ୍ଟିକର ଲାଗିଥିବା ଏକ କାରରେ ଏହି ଟିମ୍ ସର୍ଭେରେ ଆସିଥିଲେ। ସେମାନେ ଓଡ଼ିଶା ସୀମାନ୍ତ ସାଲୁର, ବୋବିଲି ସହର ହୋଇ ଫାଟୁସିନେରୀ ଗ୍ରାମ ଦେଇ ଫଗୁଣସିନେରୀ ଗ୍ରାମ ପର୍ଯ୍ୟନ୍ତ ସର୍ଭେ କରି ଫେରିଯାଇଥିଲେ। ଅନ୍ୟପକ୍ଷରେ କୋଟିଆର ବିବାଦୀୟ ୨୧ ଖଣ୍ଡ ଗ୍ରାମ ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା କୋଟିଆଠାରେ ଗୋଟିଏ ବିଏସ୍ଏନ୍ଏଲ୍ ଟାୱାର ରହିଛି। ବିଦ୍ୟୁତ୍ ଅବ୍ୟବସ୍ଥା ଯୋଗୁ ଏହି ସେବା ବେଳେ ବେଳେ ବନ୍ଦ ରହୁଛି । ଇଣ୍ଟରନେଟ୍ ବହୁ କମ୍ ସ୍ପିଡ୍‌ରେ ଚାଲୁଛି । ଏନେଇ କୋଟିଆବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଏହି ଆନ୍ଧ୍ର ଟିମ୍ କୋଟିଆରେ ଅନୁପ୍ରବେଶ କରିବା ବିଷୟରେ ଉଭୟ ପଟ୍ଟାଙ୍ଗୀ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀଙ୍କ ପାଖରେ କୌଣସି ତଥ୍ୟ ନ ଥିବା ଜଣାଯାଇଛି । ଏହି ଘଟଣା ନେଇ କୋରାପୁଟ ଜିଲା ପ୍ରଶାସନ ନିକଟରେ କୌଣସି ଖବର ନ ରହିବା ନେଇ କୋଟିଆ ଅଞ୍ଚଳ ବିକାଶ ପରିଷଦର ଆବାହାକ ତଥା କୋରାପୁଟର ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କୋଟିଆ ବିବାଦକୁ ନେଇ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ମାମଲା ଦାଏର କରିଛନ୍ତି। ଏହା ବିଚାରାଧୀନ ଥିବା ବେଳେ ଆନ୍ଧ୍ର କୋଟିଆରେ ବାରମ୍ବାର ଅନୁପ୍ରବେଶ କରି ବିଭିନ୍ନ କାର୍ଯ୍ୟ କରିବା ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

# ସ୍ୱାଭିମାନ ଅଞ୍ଚଳରେ ନାଚଗୀତ ମାଧ୍ୟମରେ ପିଲାଙ୍କୁ ପଢ଼ାଉଛନ୍ତି ସୁଶାନ୍ତ

ମାଲକାନଗିରି, ୧୫।୭(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ଥିବା ପଣସପଦର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସୁଶାନ୍ତ ପାତ୍ରଙ୍କ ଶିକ୍ଷାଦାନ ଶୈଳୀ ନିଆରା। ନାଚଗୀତ ମାଧ୍ୟମରେ ପିଲାଙ୍କୁ ପାଠପଢ଼ାରେ ବାନ୍ଧି ରଖନ୍ତି ସେ। ୩୯ ଛାତ୍ରୀଛାତ୍ର ପଢୁଥିବା ଏହି ବିଦ୍ୟାଳୟଟି ବ୍ଲକ ସଦର ମହକୁମାରୁ ୫୦ କିଲୋମିଟରରୁ ଅଧିକ ଦୂରରେ ରହିଛି। ବର୍ତ୍ତମାନ ସୁଦ୍ଧା ଏଠାରେ ଇଣ୍ଟରନେଟ୍‌ର ବ୍ୟବସ୍ଥା ନାହିଁ କି ମୋବାଇଲ ଟାୱାର ମଧ୍ୟ ନାହିଁ। ବିନା ଇଣ୍ଟରନେଟ୍‌ରେ ମଧ୍ୟ ଶିକ୍ଷକ ସୁଶାନ୍ତ ପିଲାମାନଙ୍କୁ ହସଖୁସିରେ ଖେଳରେ ଖେଳରେ ପାଠ ପଢ଼ାଉଛନ୍ତି । କେତେବେଳେ ଗୁଣନ ସଂଖ୍ୟା ଶିଖେଇବା ପାଇଁ ଗୀତ ଗାଇ ପିଲାଙ୍କୁ ଅଭ୍ୟାସ କରାଉଛନ୍ତି ତ କେତେବେଳେ ପିଲାମାନଙ୍କୁ ନିଜ ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତୁର ଉଦାହରଣ ଦେଇ ହରଣ ମିଶାଣ ବୁଝାଉଛନ୍ତି। ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଥିବା ବେଳେ ସୁଶାନ୍ତଙ୍କ ଏଭଳି ଶିକ୍ଷାଦାନ ଯୋଗୁ ସେ ପିଲାଙ୍କ ଅତି ପ୍ରିୟପାତ୍ର ହୋଇ ପାରିଛନ୍ତି । ସୁଶାନ୍ତଙ୍କ ପଢ଼ା ଶୈଳୀ ପାଇଁ ଦିନକୁ ଦିନ ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ମଧ୍ୟ ବଢୁଛି। ମାଲକାନଗିରିର ଶିଆଡ଼ିମାଳରେ ନିଜ ପରିବାରକୁ ଛାଡ଼ି ସୁଶାନ୍ତ ଏହି ଦୁର୍ଗମ ଅଞ୍ଚଳରେ ଶିକ୍ଷକତାକୁ ବେଶ୍ ଆଗ୍ରହର ସହ ଆଦରି ନେଇଛନ୍ତି। ଏକ ଛୋଟିଆ କୁଡ଼ିଆ ଘରେ ନିରାଡମ୍ବର ଜୀବନ ବିତାଉଥିବା ସୁଶାନ୍ତ କେବେ ତାଙ୍କ କର୍ତ୍ତବ୍ୟରେ ଅବହେଳା କରୁ ନ ଥିବା କହିଛନ୍ତି ସିଆର୍‌ସିସି ଶିବପ୍ରସାଦ ସରକାର।


ପିଲାଙ୍କୁ ଶିକ୍ଷାଦାନ କରୁଥିବା ସୁଶାନ୍ତ।

## ସ୍ୱେଚ୍ଛାସେବୀ ବିନୋଦଙ୍କ ମାନବିକତା

# ଛାତ୍ରୀଙ୍କୁ ବାଣ୍ଟିଲେ ସାନିଟାରି ପ୍ୟାଡ୍

ମାଲକାନଗିରି,୧୫।୭(ଡି.ଏନ.ଏ.)

ମାଲକାନଗିରି ଜିଲାର ବରିଷ୍ଠ ସାମାଜିକ କର୍ମୀ ବିନୋଦ ଟାଉରୀ ଶୁକ୍ରବାର ଛାତ୍ରୀଙ୍କୁ ସାନିଟାରୀ ପ୍ୟାଡ ବାଣ୍ଟି ପୁଣି ମାନବିକତାର ପରିଚୟ ଦେଇଛନ୍ତି। ମାଲକାନଗିରି ମହାବିଦ୍ୟାଳୟର ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀମାନଙ୍କୁ ଏହା ବଣ୍ଟନ କରି ସର୍ବଦା ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଛାତ୍ରୀମାନଙ୍କୁ ସେମାନଙ୍କ ସମସ୍ୟା ଓ ଅନ୍ୟାନ୍ୟ ବିଷୟରେ ପଚାରି ବୁଝିଥିଲେ। ସମସ୍ତେ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରି ଭଲ ମଣିଷ ହେବା ପାଇଁ ବିନୋଦ ପ୍ରୋତ୍ସାହନ ଦେଇଥିଲେ। ବିନୋଦଙ୍କ ଏପରି କାର୍ଯ୍ୟକୁ ଛାତ୍ରୀମାନେ ବେଶ୍




ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ବିନୋଦ ଏଭଳି ଅନେକ ଲୋକଙ୍କୁ ସହାୟତା କରି ପ୍ରଶଂସିତ ହୋଇଛନ୍ତି।

# ଡେଙ୍ଗୁ ରୋଗ ନିରାକରଣ ନେଇ ସଚେତନତା



ଟାୟାରରେ କେଉଁଠି ଜଳ ଜମି ରହିଲେ ଏସିଡ୍ ମଶା ଜନ୍ମ ନେଇଥାନ୍ତି ତାହା ଜଣେ ଅଧିକାରୀ ବୁଝାଉଛନ୍ତି।

ଜୟପୁର, ୧୫।୭ (ନି.ପ୍ର.)

ଜୟପୁର ପୌରପାଳିକା ପକ୍ଷରୁ ଶୁକ୍ରବାର ସହରର ବିଭିନ୍ନ ସାହି ବୁଲି ଲୋକମାନଙ୍କୁ ଡେଙ୍ଗୁ ରୋଗର ନିରାକରଣ ନେଇ ସଚେତନ କରାଯାଇଛି । ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ ସ୍ୱଚ୍ଛ ସାଥୀ ଓ ପୌର କର୍ମଚାରୀମାନେ ଲୋକ ମାନଙ୍କୁ କିପରି ସତର୍କ ରହିବେ ବୁଝାଇଥିଲେ। ଖାଲ ଜାଗାରେ ପାଣି ନ ରଖିବା, ଡେଙ୍ଗୁ ଏକ ଭେକ୍ଟରବାହିତ ରୋଗ, ଯାହାକି ଏଡିସ୍ ମଶା କାମୁଡିବାରୁ ହୋଇଥାଏ ଏବଂ ଠିକ ସମୟରେ ଏହାର ଚିହ୍ନଟ ଓ ଚିକିତ୍ସା କରା ନ ଗଲେ ଏହା ଘାତକ ହୋଇପାରେ ବୋଲି ଅବଗତ କରାଇ ଖାଲୁଆ ଜାଗାରେ ମଶା ଯେପରି ନ ରୁହେ ସେଥିପ୍ରତି ସମସ୍ତେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ଜୟପୁର,୧୫।୭(ନି.ପ୍ର.)

**ଦୁର୍ବୃତ୍ତଙ୍କ ଆକ୍ରମଣରେ ହୋମଗାର୍ଡଙ୍କ ମୃତ୍ୟୁ ମାମଲା**

ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ମାମଲାର ଶୁଣାଣି ଜୟପୁରସ୍ଥିତ ଜିଲା କୋର୍ଟରେ ଶୁକ୍ରବାର ହୋଇଛି । ଜିଲା ଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ କୁସୁମପୁଟ ଗ୍ରାମର ଅର୍ଜୁନ ଖରାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ଜରିମାନାରେ ଦଣ୍ଡିତ କରାଯାଇଛି। ଏହି ଅର୍ଥ ଅନାଦାୟ ହେଲେ ଅଧିକ ୧ ବର୍ଷ ୮ ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ କହିଛନ୍ତି । ମାମଲା ବିବରଣୀରୁ ପ୍ରକାଶ, ଗତ ୧୩।୧।୨୦୧୭ ରାତି ୧୨ଟାରେ ଜୟପୁର ଟାଉନ ଥାନା ପକ୍ଷରୁ ୨ଜଣ ହୋମଗାର୍ଡ ବସନ୍ତ ପାତ୍ର(୪୯) ଏବଂ ବନ ଖରା (୩୫) ଜୟନଗର ଉପ ଜିଲାପାଳ କାର୍ଯ୍ୟାଳୟକୁ ଯିବା ରାସ୍ତାରେ ଥିବା ମନ୍ଦିର ଛକସ୍ଥିତ ବିଟ୍‌ରେ ପ୍ରହରା ଦେଉଥିଲେ। ଏହି ସମୟରେ ୨ ଜଣ ଅଚିହ୍ନା ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। କାର୍ଯ୍ୟରତ ୨ ହୋମଗାର୍ଡ ସେମାନଙ୍କୁ କିଛି ପଚାରିଥିଲେ। ଏହାକୁ ନେଇ ସେମାନଙ୍କ ସହ ଯୁକ୍ତିତର୍କ ହୋଇଥିଲା। ସମ୍ପୃକ୍ତ ୨ ଜଣ ଅଚିହ୍ନା ଦୁର୍ବୃତ୍ତ ଏକ ଲୁହାରଡରେ ଉଭୟ ହୋମଗାର୍ଡଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବସନ୍ତ ଗୁରୁତର ହୋଇ ପଡିଥିଲେ। ହୋମଗାର୍ଡ ବନ ସେଠାରୁ ଦୌଡିଯାଇ ଫୋନ କରି ଟାଉନ ଥାନାକୁ ଜଣାଇଥିଲେ। ତୁରନ୍ତ ପାଟ୍ରୋଲିଂ ଗାଡି ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ବସନ୍ତଙ୍କୁ ଜୟପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜୟପୁରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ମଧ୍ୟ ଅବସ୍ଥାରେ ପରିବର୍ତ୍ତନ ନ ହେବାରୁ ଭୁବନେଶ୍ୱର ନେବା ସମୟରେ ରାସ୍ତାରେ ଗତ ୧୬।୧।୨୦୧୭ରେ ବସନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା । ପୋଲିସ ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଅର୍ଜୁନ ଓ ଜଣେ ନାବାଳକଙ୍କୁ ଗିରଫ କରିଥିଲା। ସେବେଠାରୁ ଏହି ମାମଲା ଜିଲା କୋର୍ଟରେ ବିଚାରାଧୀନ ଥିଲା। ଅର୍ଜୁନଙ୍କ ମାମଲାର ବିଚାର କରି ବିଚାରପତି ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଉପରୋକ୍ତ ରାୟ ଦେଇଥିବା ବେଳେ ନାବାଳକଙ୍କ ମାମଲାର ବିଚାରପ୍ରକ୍ରିୟା ଜାରି ରହିଛି। ମାମଲାକୁ ସରକାରୀ ଓକିଲ ଶୈଳଜା ପଟ୍ଟନାୟକ ପରିଚାଳନା କରୁଥିଲେ।

# ସରପଞ୍ଚଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ ଶେଷ

ମାଲକାନଗିରି,୧୫।୭(ଡି.ଏନ.ଏ.)


ପ୍ରଶିକ୍ଷଣରେ ଭାଗ ନେଇଥିବା ସରପଞ୍ଚମାନେ।

ସଶକ୍ତ ପଞ୍ଚାୟତିରାଜ ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ପ୍ରତିଷ୍ଠାନ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ଗତ ଦୁଇ ସପ୍ତାହ ଧରି ପର୍ଯ୍ୟାୟକ୍ରମେ ଚାଲିଥିବା ସରପଞ୍ଚ ମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ଜିଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଗତ ୪ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ୧୧ ତାରିଖଠାରୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଚାଲିଥିଲା। ଏଥିରେ ମାଲାକନଗିରି ଜିଲାର ୭ଟିଯାକ ବ୍ଲକ୍‌ରୁ ୧୧୧ ସରପଞ୍ଚ ଭାଗନେଇଥିଲେ। ଏଥିରେ ମୁଖ୍ୟତଃ ସରକାରଙ୍କ ସବୁ ବିଭାଗର ଯୋଜନାର ସହାୟତା ସାଧାରଣରୁ ଅତିସାଧାରଣ ଲୋକଙ୍କ ପାଖରେ କିପରି ପହଞ୍ଚିପାରିବ ଏବଂ ଏକ ସୁଦୃଢ଼ ପଞ୍ଚାୟତ ଗଠନ ହୋଇପାରିବ ସେନେଇ ସମସ୍ତ ସରପଞ୍ଚମାନଙ୍କୁ ଅବଗତ କରଯାଇଥିଲା। ଏହି ଅବସରରେ ପିଡି ଡିଆରଡିଏ ବାଳମୁକୁନ୍ଦ ଭୂୟାଁ, ଜିଲା ପଞ୍ଚାୟତ ଅଫିସର, ଜିଲା ନିଯୁକ୍ତି ଅଧିକାରୀ, ସହଯୋଗୀ ଅଧିକାରୀ ହିମାଂଶୁ ମହାରଣା ଉପସ୍ଥିତ ଥିଲେ। ତାଲିମଦାତା ସପନ ସିଂହ ଓ ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ।

# କାଦୁଅରେ ପଶି ପାଠପଢ଼ିବାକୁ ଯାଉଛନ୍ତି ପିଲା

**ସମସ୍ୟାରେ ନୂଆଗୁଡ଼ା ପ୍ରାଥମିକ ବିଦ୍ୟାଳୟ**

କୁଡୁମୁଲୁଗୁମ୍ମା,୧୫।୭(ଡି.ଏନ୍.ଏ.)


ପିଲାମାନେ ଏହି କାଦୁଅ ରାସ୍ତାରେ ପଶି ବିଦ୍ୟାଳୟକୁ ଯାଉଛନ୍ତି ।

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ନୂଆଗୁଡ଼ା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ପାଣି ଗଳୁଛି। ଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ମୁଖ୍ୟ ରାସ୍ତାଠାରୁ ୫୦୦ ମିଟର ଦୂରରେ ଥିବା ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ କକ୍ଷ ମଧ୍ୟ ନିରାପଦ ନାହିଁ। ତାଙ୍କ କୋଠରି କାନ୍ଥ ଫାଟି ଆଁ କରିଛି। ବିଦ୍ୟାଳୟକୁ ଯିବାକୁ ରାସ୍ତା ନାହିଁ। ଛାତ୍ରୀଛାତ୍ରମାନେ କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି। ଅନେକ ସମୟରେ ସେମାନେ କାଦୁଅ ଭିତରେ ପଶି ପାଠପଢି ଯିବାକୁ ରାଜି ହେଉନାହାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବିଦ୍ୟାଳୟକୁ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ମାଲକାନଗିରି ଜିଲା କାଳିମେଳା ବ୍ଲକ ମୋଟୁରେ ବନ୍ୟା ବିଭ୍ରାଟ


ବନ୍ୟା ଘେରରୁ ଉଦ୍ଧାର କରି ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।


ମୁଖ୍ୟ ସଡକ ଉପରେ ଚାଲୁଛି ଡଙ୍ଗା।



ବନ୍ୟାରେ ବିପନ୍ନ ହୋଇପଡିଥିବା ଏକ ପରିବାର।

## ସଂକ୍ଷେପରେ

### ପାଳଛତୁ ଖାଇ ଗୋଟିଏ ପରିବାରର ୧୫ ଅସୁସ୍ଥ

ମାଲକାନଗିରି,୧୫।୭(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ବ୍ଲକ ଏମ୍‌ଭି-୧୧ ଗ୍ରାମରେ ପାଳ ଛତୁ ଖାଇ ୧୫ ଜଣ ଅସୁସ୍ଥ ହୋଇଥିବା ଦେଖିବାକୁ ମିଳିଛି। ଗ୍ରାମର ଗୋଟିଏ ପରିବାରର ୧୫ ଜଣ ଘରେ ପାଳ ଛତୁ ଆଣି ସନ୍ଧ୍ୟାରେ ରାନ୍ଧି ଖାଇଥିଲେ। ଖାଇବାର କିଛି ସମୟ ପରେ ସମସ୍ତେ ଅସୁସ୍ଥ ହୋଇ ଅନୁଭବ କରିଥିଲେ। ସମସ୍ତଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ଗ୍ରାମବାସୀ ଏହା ଜାଣି ସଙ୍ଗେ ସଙ୍ଗେ ସମସ୍ତଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସମସ୍ତେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଏହି ୧୫ ଜଣ ଗୋଟିଏ ପରିବାରର ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା କହନ୍ତି , ସମ୍ପୃକ୍ତ ୧୫ ଜଣଙ୍କୁ ଫୁଡ୍ ପଏଜନ୍ ହୋଇଯାଇଛି। ତେବେ ଚିକିତ୍ସା ପରେ କିଛି ଅସୁବିଧା ନାହିଁ। କାଲିସୁଦ୍ଧା ସମସ୍ତେ ସୁସ୍ଥ ହୋଇଯିବେ ବୋଲି ଡାକ୍ତର ବେହେରା କହିଛନ୍ତି।

### ସଡକ ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

ମାଲକାନଗିରି,୧୫।୭(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ବ୍ଲକ କାଟିଗୁଡା ଗ୍ରାମ ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ଉଭୟେ ମାଲକାନଗିରି ଠାରୁ କାଲିମେଲା ଅଭିମୁଖେ ଯାଉଥିବା ସମୟରେ ପଛପଟୁ ଏକ ଟ୍ରକ ଆସି ଧକ୍କା ଦେଇଥିଲା। ଫଳରେ ଜଣକର ମୃତ୍ୟୁ ହୋଇଥିଲା। ଗୁରୁତର ବ୍ୟକ୍ତିଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ସ୍ମୃତିସଭା

କୁଡୁମୁଲୁଗୁମ୍ମା,୧୫।୭(ଡି.ଏନ.ଏ.)- କୁଡୁମୁଲୁଗୁମ୍ମାସ୍ଥିତ ଡାରଉଇନ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱର୍ଗତ ସାହେବ ବାରିକଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଗୌରୀ ଶଙ୍କର ବେହେରାଙ୍କ ସହ ଛାତ୍ରୀଛାତ୍ରୀ,ଅଧାପକ, ଅଧାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ତାଙ୍କ ସ୍ମୃତି ଉଦେଶ୍ୟରେ ପ୍ରତିବର୍ଷ ଜଣେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ଦେଇ ପୁରସ୍କୃତ କରାଯିବ ବୋଲି ଅଧକ୍ଷ ସୂଚନା ଦେଇଥିଲେ।

# କୋଟିଆ ଆଦର୍ଶ ବିଦ୍ୟାଳୟରେ ବସ୍ ସେବା

## ମାଗଣା ସେବା ପାଇବେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୫।୭(ବ୍ୟୁରୋ)



ଅତିଥିମାନେ ବସ୍‌ସେବାକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

ଚଳିତ ଶିକ୍ଷାବର୍ଷରୁ କୋଟିଆ ଗ୍ରାମ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆରମ୍ଭ ହୋଇଛି। ଷଷ୍ଠ ଶ୍ରେଣୀରେ ୫୯ଜଣ ଛାତ୍ରୀଛାତ୍ର ନାମ ଲେଖାଇ ଥିଲେ। ଶିକ୍ଷାଦାନ ଆରମ୍ଭ ହୋଇଥିଲା। ଗୋଟିଏ ହଷ୍ଟେଲ ବିଲ୍ଡିଂ ନିର୍ମାଣ ମଧ୍ୟ ସରିଯାଇଛି। ଶୁକ୍ରବାର ସ୍କୁଲର ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍ ସେବା ଆରମ୍ଭ କରାଯାଇଛି। ବିଦ୍ୟାଳୟଟି କୋଟିଆର ଲୋକଙ୍କ ପାଇଁ ନୂତନ ଆଶା ଏବଂ ଆକାଂକ୍ଷା ଆଣିଛି। କାରଣ ଏହା ସିବିଏସ୍‌ଇ ଢାଞ୍ଚାରେ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବ। ସାଧାରଣ ଲୋକଙ୍କ ସହ ବୁଦ୍ଧିଜୀବୀମାନେ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗତ ଏପ୍ରିଲ ମାସରେ କୋଟିଆ ଗସ୍ତ ସମୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ ଅଗ୍ରଗତି ସମୀକ୍ଷା କରିଥିଲେ ଏବଂ ଏହାର କାର୍ଯ୍ୟ ଶେଷ ହେବା ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିଥିଲେ।

# ଗୃହରେ ଆରମ୍ଭ ହେଲା ଜିଲାପାଳଙ୍କ ଅଦାଲତ



ଶୁଭାରମ୍ଭ ହୋଇଥିବା ଜିଲାପାଳଙ୍କ ଅଦାଲତ।

## ବ୍ରିଟିଶ ଅମଳର କୋର୍ଟ ପୁନରୁଦ୍ଧାର

କୋରାପୁଟ,୧୫।୭(ସ୍ୱ.ପ୍ର.)

କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବ୍ରିଟିଶ ଅମଳର କୋର୍ଟର ପୁନରୁଦ୍ଧାର ହୋଇଛି। ଏଠାରେ ଜିଲାପାଳ ଏବଂ ଜିଲା ମାଜିଷ୍ଟ୍ରେଟଙ୍କ ଅଦାଲତ ଶୁଭାରମ୍ଭ ହୋଇଛି। ବ୍ରିଟିଶ ଅମଳର ଏହି କୋର୍ଟକୁ ସ୍ମାରକୀ ଭାବେ ରଖାଯିବା ସହିତ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏହାର ପୁନରୁଦ୍ଧାର କରାଯାଇଥିବା ଜଣାପଡ଼ିଛି। ଏହି ଗୃହରେ ଏଣିକି ଜିଲାପାଳ ତାଙ୍କର ସମସ୍ତ କୋର୍ଟ କାର୍ଯ୍ୟ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ପୁନରୁଦ୍ଧାର ବେଳେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ରାମେଶ୍ୱର ପ୍ରଧାନ ମୁଖ୍ୟ ଅତିଥିଭାବେ ନଡ଼ିଆ ଭାଙ୍ଗି ଏହି କୋର୍ଟର ଶୁଭାରମ୍ଭ କରିଥିବା ଜଣାଯାଇଛି । ଏହି ସମୟରେ ଡେପୁଟି କଲେକ୍ଟର ସୁଜିତ ମିଶ୍ର (ନ୍ୟାୟିକ ବିଭାଗ), ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପଟ୍ଟନାୟକ, ଆଇନଜୀବୀ ବିଶ୍ୱରଞ୍ଜନ ପଟ୍ଟନାୟକ, ଭବାନୀ ଶଙ୍କର ମିଶ୍ର, ଚିତ୍ତରଞ୍ଜନ ଶତପଥୀଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏହି କୋର୍ଟ ହଲ୍‌ର ଶୁଭାରମ୍ଭ ନେଇ କୋରାପୁଟ ଓକିଲ ସଂଘ ତଥା ବାର୍ ଆସୋସିଏସନକୁ ପ୍ରଶାସନ ପକ୍ଷରୁ ଅବଗତ କରାଯାଇ ନ ଥିବାରୁ ଓକିଲ ସଂଘ ସମ୍ପାଦକ ମନୋରଞ୍ଜନ ରାଉତରାୟ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଅବଧି ସରି ମଧ୍ୟ ସରୁନି ବ୍ରିଜ୍ ନିର୍ମାଣ

କୋରୁକୋଣ୍ଡା ୧୫।୭(ଡି.ଏନ. ଏ)

ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଜନସାଧାରଣଙ୍କ ସୁବିଧା ଲାଗି ଗ୍ରାମରୁ ସହର ପର୍ଯ୍ୟନ୍ତ ସବୁଠି ରାସ୍ତାଘାଟର ସୁବିଧା କରିଛନ୍ତି। ଏଥିପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଜାତୀୟ ରାଜପଥ ରାସ୍ତାଗୁଡିକରେ ଥିବା ତଳିଆ ବ୍ରିଜଗୁଡିକ ବହୁ ପୁରାତନ ହୋଇଥିବାରୁ ଉକ୍ତ ବ୍ରିଜଗୁଡିକୁ ନୂତନ ଭାବେ ନିର୍ମାଣ ପାଇଁ ମଧ୍ୟ ଅର୍ଥ ବ୍ୟୟ ହେଉଛି। ମାତ୍ର ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ଅବହେଳାରୁ ନିର୍ଦ୍ଧାରିତ ସମୟଠାରୁ ଦୀର୍ଘ ବର୍ଷ ବିତିଯାଉଥିଲେ ସରିପାରୁନି ବ୍ରିଜକାମ। ଏହା ସରିବା ପୂର୍ବରୁ ଶେଷରେ ବାଧ ହୋଇ ଲୋକେ ଏହା ଉପରଦେଇ ଯାତାୟାତ କରୁଛନ୍ତି। ମାଲକାନଗିରି ଜିଲା କୋରୁକୋଣ୍ଡା ସଦରଠାରେ ଥିବା ବ୍ରିଜ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି।

୫ ବର୍ଷ ତଳେ ରାଜ୍ୟ ସରକାର ୩ଟି ବ୍ରିଜ ନୂତନ ଭାବେ ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର କରିଥିଲେ। ମାଲକାନଗିରିଠାରୁ ବାଲିମେଲାକୁ ଯାତାୟାତ ଲାଗି ଏହି ୩ଟି ବ୍ରିଜ ରହିଥିଲା। ଉକ୍ତ ୩ଟି ତଳିଆ ବ୍ରିଜ ଏମ୍ ଭି-୧୧, କୋରୁକୋଣ୍ଡା ଏବଂ ତାର୍ଲାକୋଟ ପଞ୍ଚାୟତ ଅଧୀନ ଏମ୍‌ଭି-୩୭ଠାରେ ରହିଛି। ଏହାକୁ ଉଚ୍ଚତାବିଶିଷ୍ଟ ବ୍ରିଜ କରିବା ପାଇଁ ପିଡବ୍ଲୁଡି ଦାୟିତ୍ୱ ନେଇଥିଲା। ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ଏମ୍ ଭି-୧୧ନଂ ନିକଟର ଥିବା ବ୍ରିଜ କାମ ସରିଥିବା ବେଳେ କୋରୁକୋଣ୍ଡା ଏବଂ ଏମ୍‌ଭି-୩୭ଠାରେ ଥିବା ବ୍ରିଜ କାମ ସରିନାହିଁ। କୋରୁକୋଣ୍ଡା ନିକଟରେ ଥିବା ବ୍ରିଜ କାମ ୨୦୧୮ ସୁଦ୍ଧା ସରିବାର ଥିଲା। ଏହାର କାମ ଶେଷହେବା ଅବଧିଠାରୁ ଏବେ ୪ବର୍ଷ ଅଧିକ ଗଲାଣି। ପ୍ରତେକ ବର୍ଷ ବର୍ଷା ଦିନ ଆସିଲେ କୋରୁକୋଣ୍ଡା ବ୍ଲକର ୮ଟି ପଞ୍ଚାୟତ ସମେତ,୨ଟି ବ୍ଲକ ଓ ବାଲିମେଲା ଏନଏସବାସୀ ହଇରାଣ ହୋଇଥାନ୍ତି। ତର୍ଲାକୋଟସ୍ଥିତ ବ୍ରିଜ୍ କାମ ମଧ୍ୟ ସରିନାହିଁ। ଫଳରେ ଲୋକେ ବାଧହୋଇ କାମସରି ନ ଥିବା ତର୍ଲାକୋଟ ବ୍ରିଜ ଉପର ଯାତାୟାତ କରୁଛନ୍ତି। ଏନେଇ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ମକରସେନ ବେହେରାଙ୍କୁ ପଚାରିବାରୁ ସେ କହିଲେ, ୨୦୧୮ ସୁଦ୍ଧା ବ୍ରିଜ କାମ ସାରିବାର ଥିଲା। ଆଉ କମ ଦିନ ଭିତରେ ସରିଯିବ । ସେହି ବ୍ରିଜ ଦେଇ ଯାତାୟାତ କରୁଥିବା ସାଧାରଣ ଲୋକଙ୍କୁ ଏନେଇ ପଚାରିବାରୁ ସେମାନେ କହିଥିଲେ ଗତ ୩/୪ବର୍ଷ ହେଲାଣି ଆମେ ଶୁଣୁଛୁ ସରିଯିବ । ଆଜି ପର୍ଯ୍ୟନ୍ତ କାମ ସରିବା ନାଁ ଧରୁନି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ତର୍ଲାକୋଟର କାମ ସରି ନ ଥିବା ବ୍ରିଜ୍ ଉପରେ ଲୋକେ ଯାତାୟାତ କରୁଛନ୍ତି।

## ଦେଓପାଲି ବନ୍ଧ କାର୍ଯ୍ୟ ତଦାରଖ କଲେ ବିଡିଓ

ତେନ୍ତୁଳିଖୁଣ୍ଟି,୧୫।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଦେଓପାଲି ବନ୍ଧର ତୃତୀୟ ଫାଟକ ସାମାନ୍ୟ ଖୋଲା ରହିବା ଓ ଜଳ ନିଷ୍କାସିତ ହେଉଥିବା ଖବର ଧରିତ୍ରୀ ରେ ପ୍ରକାଶ ପାଇବା ପରେ ବିଡିଓ ଦୁର୍ଯ୍ୟୋଧନ ଭୋଇ ସ୍ଥିତି ପରଖିଥିଲେ। ଦେଓପାଲି ଡ୍ୟାମ୍‌ର ଫାଟକ ଗୁଡିକର ସ୍ଥିତି, ଜଳଭଣ୍ଡାରର ଜଳ ପତ୍ତନ ବୃଦ୍ଧି ପାଇଲେ ଫାଟକ ଖୋଲିବାରେ କୌଣସି ସମସ୍ୟା ଅଛି କି ନାହିଁ ଆଦି ବୈଷୟିକ ବିବରଣୀ ନେଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅନୀଲ କୁମାର ପାଣିଗ୍ରାହୀଙ୍କ ସହ ଫୋନ୍‌ରେ କଥାବାର୍ତ୍ତା ହୋଇଥିଲେ। କୌଣସି ବିପଦ ନ ଥିବା ନେଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅବଗତ କରାଇଥିଲେ। ତୃତୀୟ ଫାଟକ ଖୋଲା ରହିବାର କାରଣ କହିବା ସହ ଆଗାମୀ ଦିନରେ ଫାଟକର ମରାମତି କରାଇବା ନେଇ ଯୋଜନା ରହିଥିବା ସେ କହିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଦୁଇ ବର୍ଷ ହେଲା ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପର ଭଣ୍ଡାର ଓ ଯାନ୍ତ୍ରିକ ବିଭାଗର ତତ୍ତ୍ୱାବଧାନରେ ଓଡ଼ିଶା ନିର୍ମାଣ ନିଗମ ଦ୍ୱାରା ଫାଟକ ମରାମତି ଓ ପରିଚାଳନା କରାଯାଉଛି ବୋଲି ଅବଗତ କରାଇଥିଲେ। ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ସହ ଆଇଆଇସି ପ୍ରମୋଦ ନାୟକ,ଏସ୍‌ଆଇ ସୁନୀଲ ପ୍ରଧାନ, ସୌମ୍ୟ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୋରାପୁଟ ବ୍ଲକରେ ୩୭୪ ନେଲେ ବୁଷ୍ଟର ଡୋଜ

ଦାମନଯୋଡି,୧୫।୭(ଡି.ଏନ.ଏ.):

କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏହା ଅଧୀନ ଡୁମୁରିପୁଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୁକ୍ରବାର କୋଭିଡ -୧୯ ବୁଷ୍ଟର ଡୋଜ ପାଇଁ ଟୀକାକରଣ ହୋଇଥିଲା। ୧୮ରୁ ୫୯ ବର୍ଷର ବ୍ୟକ୍ତିଙ୍କ ପାଇଁ ବୁଷ୍ଟର ଡୋଜ ଟୀକା କରଣ ହୋଇଥିବାରୁ ଟୀକା ନେବା ପାଇଁ ଲୋକଙ୍କ ଲମ୍ବା ଧାଡ଼ି ଲାଗିଥିଲା । ଆଜି ପ୍ରଥମ ଦିବସରେ ୩୭୪ ଜଣଙ୍କୁ ଟୀକା ପ୍ରଦାନ କରାଯାଇଥିବା ଜଣାପଡିଛି। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୪୨ ଜଣଙ୍କୁ ଓ ଡୁମୁରିପୁଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୨ ଜଣଙ୍କୁ ଟୀକା ପ୍ରଦାନ କରାଯାଇଥିଲା। ମାଥାଲପୁଟ ରେ କୋରାପୁଟ ବ୍ଲକ ଜୋନ-୨ର ଜିଲା ପରିଷଦ ସଦସ୍ୟ କେ. ମିହିର କୁମାର ଧାଡ଼ିରେ ଆସି ଟୀକା ନେଇଥିଲେ। ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ପିଏଚଇଓ ମକର ଜାନି ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ଭଞ୍ଜ, ମାନସ ସ୍ୱାଇଁ, ଆରତୀ ମଞ୍ଜରୀ ଗରଡା, ଏମ. ମହେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।


ଜଣେ ଯୁବତୀଙ୍କୁ ବୁଷ୍ଟର ଡୋଜ୍ ଦିଆଯାଉଛି ।

# କୃଷି କ୍ଷେତ୍ରରେ ବିକାଶ, ଦକ୍ଷତା ବୃଦ୍ଧି ତାଲିମକୁ ଗୁରୁତ୍ୱ

## ଭିଜନ୍ ନବରଙ୍ଗପୁର କାର୍ଯ୍ୟକ୍ରମ

ନବରଙ୍ଗପୁର,୧୫।୭ (ବି.ପ୍ର.)

ନବରଙ୍ଗପୁର ସ୍ଥିତ ସାଇ କଲ୍ୟାଣୀ ମଣ୍ଡପଠାରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭିଜନ ନବରଙ୍ଗପୁର ଶୀର୍ଷକ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ସଫଳ ଚାଷୀ, ଉଦ୍ୟୋଗୀ, ଶିକ୍ଷାବିତ, ଡାକ୍ତର, ବୁଦ୍ଧିଜୀବୀ, ସାହିତ୍ୟିକ, ଖବରଦାତା ଓ ବିଭିନ୍ନ ଭିଭାଗର ଅଧିକାରୀ ଯୋଗଦେଇ ନିଜସ୍ୱ ମତ ରଖିଥିଲେ। ଜିଲାର ବିକାଶ ପାଇଁ ଦୂରଦୃଷ୍ଟି ସମ୍ପନ୍ନ ମତ ମାନଙ୍କ ମଧ୍ୟରେ କୃଷିର ବିକାଶ ଓ ଅଣ ଧାନଚାଷ, ମାଛ ଚାଷ, ଜୈବିକ ସାର, ପାରିବ ଚାଷ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ସେହିଭଳି ନବରଙ୍ଗପୁର ସହର ପାଇଁ ବାଇପାସ ରାସ୍ତା, ଉନ୍ନତ ମାନର ବସଷ୍ଟାଣ୍ଡ, ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ଶିକ୍ଷାର ବିକାଶ ପାଇଁ ଜିଲାରେ ପିଜି, ବିଏଡ୍ କଲେଜର ଆବଶ୍ୟକତା ରହିଛି। ନବରଙ୍ଗପୁର ମହାବିଦ୍ୟାଳୟ ଓ ନବରଙ୍ଗପୁର ମହିଳା ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ, ୧୫ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ବୃଦ୍ଧି ତାଲିମ ବ୍ୟବସ୍ଥା ସହ ଜିଲାରେ ସୈନିକ ବିଦ୍ୟାଳୟ ଓ କ୍ରୀଡ଼ା ବିଦ୍ୟାଳୟ ଖୋଲା ଯିବାକୁ ବୁଦ୍ଧିଜୀବୀ ମାନେ ପ୍ରସ୍ତାବ ଦେଇଥିଲେ । ଜିଲାରେ କୃଷି ଭିତ୍ତିକ ଶିଳ୍ପ ସହ ପର୍ଯ୍ୟଟନର ବିକାଶ ହେବା ଜରୁରୀ । ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ରହିଛି, ଏଥିପାଇଁ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ଜଳସେଚନ କ୍ଷେତ୍ରରେ ଚୁରିଗୁଣିଆଟ ଜଳ ପ୍ରକଳ୍ପ ତୁରନ୍ତ ଆରମ୍ଭ କରାଯିବା। ସହ ଇନ୍ଦ୍ରାବତୀ ଜଳ ଭଣ୍ଡାରରୁ ସ୍ଥଳ ମୁଣ୍ଡ ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଓ ନବରଙ୍ଗପୁର ବ୍ଲକକୁ ଜଳସେଚନ ବ୍ୟବସ୍ଥା ଏବଂ ରାଜ୍ୟ ସରକାର ଏଥିପାଇଁ ବଜେଟରେ ଅନୁଦାନ ବ୍ୟବସ୍ଥା କରିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସଫଳ ମଧୁର ଜଳ ମାଛ ଚାଷୀମାନେ ଲକ୍ଷାଧିକ ଟଙ୍କା ବ୍ୟୟ କରି ପ୍ରକଳ୍ପ କରିଥିଲେ ମଧ୍ୟ ଦିନ ତମାମରେ ୮ଘଣ୍ଟା ବିଦ୍ୟୁତ ରହୁଥିବାରୁ ପ୍ରକଳ୍ପ ଗୁଡ଼ିକ ଚଳାଇବା କଷ୍ଟ ସାଧ୍ୟ ହେଉଛି ବୋଲି ଚାଷୀମାନେ କହିଥିଲେ । ନବରଙ୍ଗପୁର ଜିଲାରେ ସିକିଲସେଲ ରୋଗୀ ସଂଖ୍ୟା ଅଧିକ। ଜଣେ ସିକିଲସେଲ ରୋଗୀଙ୍କୁ ଯିଏ ବି ବିବାହ କରିବ ସେ ସିକିଲସେଲ ରୋଗୀ ହେଲେ ଜନ୍ମିତ ଶିଶୁ ମଧ୍ୟ ରୋଗରେ ପୀଡିତ ହେବ । ତେଣୁ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ଡାକ୍ତର ମତ ରଖିଥିଲେ। ଭିଜନ୍ ନବରଙ୍ଗପୁର ଉପରେ ସମସ୍ତଙ୍କ ମତ ପରେ ସମ୍ମାନିତ ଅତିଥି ଡିଆରଡିଏ ପିଡି ତଥା ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ କହିଛନ୍ତି, ଜିଲାରେ ୧୦୦ ଅମୃତସରୋବର ନାମରେ ପୋଖରୀର ପୁନରୁଦ୍ଧାର କରାଯାଇଛି। ସେଥିରେ କଦଳୀ ଚାଷ ସହିତ ମାଛ ଚାଷ କରାଯିବ। ପ୍ରତି ବ୍ଲକରେ ଗୋଟିଏ ଲେଖାଏ କୃଷି ଭିତ୍ତିକ ଫାର୍ମ କରାଯିବ। ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଜନଜାତିର ଆର୍ଥିକ ଉନ୍ନତି ପାଇଁ ଆଦିବାସୀ ସଂଗ୍ରହାଳୟ ପାଇଁ ପ୍ରସ୍ତାବ ରହିଛି ବୋଲି କହିଥିଲେ। ମାଛ, କୁକୁଡ଼ା ପାଳନ, ଆଳୁ, ପିଆଜ, ଅଦା ଆଦି କୃଷିର ବିକାଶ ପାଇଁ ଅନୁଦାନର ଆବଶ୍ୟକତା ରହିଛି ବୋଲି ଜନଜାତି ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଭିମନ୍ୟୁ ମାଝି କହିଥିଲେ । ସମସ୍ତଙ୍କ ମତ ପରେ ଜିଲାପାଳ କହିଥିଲେ, ଜିଲାରେ ୮୭ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ରହିଛନ୍ତି । ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ସରକାର ବିଭିନ୍ନ ଜନହିତକର ଯୋଜନା କରିଛନ୍ତି। କୃଷିର ଉନ୍ନତିରେ ବୈଷୟିକ, ବୈଜ୍ଞାନିକ ସ୍ତରରେ ସହଯୋଗର ଆବଶ୍ୟକ ରହିଛି । ଚୁରିଗୁଣିଆଟ ପ୍ରକଳ୍ପ ପ୍ରକଳ୍ପ ପାଇଁ କୌଣସି ଜମି ଅଧିଗ୍ରହଣ କରିବାକୁ ପଡ଼ିବ ନାହିଁ। ଏହା ଅନୁମୋଦନ ହୋଇସାରିଛି। ନବରଙ୍ଗପୁର ବାଇପାସ ରାସ୍ତା ପାଇଁ ମଧ୍ୟ ଅନୁମୋଦନ ହୋଇସାରିଛି। ନବରଙ୍ଗପୁର ଜିଲାରେ ସିପେଟ ପ୍ରକଳ୍ପ ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଡିପିଆର ଚାରିଦିନ ମଧ୍ୟରେ ପଠାଯିବ। ଜିଲାର ୧୫ବର୍ଷରୁ ଉର୍ଦ୍ଧ୍ୱପିଲା ମାନଙ୍କୁ ଦକ୍ଷତା ତାଲିମ ଦିଆଯିବ। ସିକଲସେଲ ଉପରେ ଯେଉଁ ପ୍ରସ୍ତାବ ଆସିଥିଲା ସେଥିପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବ । ଭାରତ ମାଳା ପ୍ରକଳ୍ପ ଦ୍ୱାରା ନବରଙ୍ଗପୁର ଜିଲାବାସୀ ଉପକୃତ ହୋଇପାରିବେ। ରେଳପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲୁରହିଛି । ଜୟପୁର ନବରଙ୍ଗପୁର ରେଳପଥ ଦ୍ୱାରା ଜିଲାବାସୀଙ୍କ ସ୍ୱପ୍ନ ସୁଗମ ହେବ ବୋଲି ଜିଲାପାଳ କହିଛନ୍ତି। କୃଷି କ୍ଷେତ୍ରର ଗୋଟିଏ କିସମର ଅଣଧାନ ଚାଷ କଲେ ବଜାର ବ୍ୟବସ୍ଥା ସହ ଅନ୍ୟଙ୍କ ପାଇଁ ତାହା ଉଦାହରଣ ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ଚନ୍ଦ୍ରଶେଖର ହୋତା, କେ.ଡି. ପଟ୍ଟନାୟକ, ନବରଙ୍ଗପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ରାଧାନାଥ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ । ବିରେନ୍ଦ୍ର ନାୟକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ବାଙ୍କ ବିହାରୀ ବିଶୋଇ ମଞ୍ଚ ପରିଚାଳନା କରିଥିଲେ। ରାମ ଚନ୍ଦ୍ର ଦଳେଇ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଜିଲାପାଳ ଓ ଅନ୍ୟ ଅତିଥିମାନେ ।

# କୋଟିଆ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀଙ୍କ ମନ୍ତବ୍ୟ ନେଇ କୋରାପୁଟରେ ତୀବ୍ର ପ୍ରତିକ୍ରିୟା

କୋରାପୁଟ,୧୫।୭(ସ୍ୱ.ପ୍ର)

କୋରାପୁଟ ଜିଲାର କୋଟିଆ ପ୍ରସଙ୍ଗରେ ଗୁରୁବାର ରାଜ୍ୟ ବିଧାନସଭାରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକ ଦେଇଥିବା ମନ୍ତବ୍ୟକୁ ନେଇ କୋରାପୁଟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପ୍ରମିଳା କୋଟିଆରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ, ଖର୍ଚ୍ଚ ଏବଂ ଆନ୍ଧ୍ରର ଅନୁପ୍ରବେଶ ସମ୍ପର୍କରେ ଜାଣି ନ ଥିବା, ସରକାର ବର୍ତ୍ତମାନ ତଥ୍ୟ ସଂଗ୍ରହ କରୁଥିବା କହିବା ପରେ ଏନେଇ କୋରାପୁଟରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଗତ କିଛି ଦିନ ତଳେ ସଞ୍ଜୀବ ପଣ୍ଡାଙ୍କୁ ରାଜ୍ୟ ସରକାର କୋଟିଆ ବିଷୟରେ ଅନୁଧ୍ୟାନ କରିବାକୁ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ଭାବେ ନିଯୁକ୍ତି କରିଥିଲେ । ଇତି ମଧ୍ୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମଧ୍ୟ କୋଟିଆ ଅଞ୍ଚଳ ଗସ୍ତ କରି ଫେରିଛନ୍ତି। ଏଥିସହିତ କୋରାପୁଟ ଜିଲାପାଳ ବାରମ୍ବାର କୋଟିଆ ଗସ୍ତ କରି ସ୍ଥିତି ପରଖୁଛନ୍ତି। ଦକ୍ଷିଣାଞ୍ଚଳ ଆରଡିସି ମଧ୍ୟ କୋଟିଆରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା ପୂର୍ବରୁ କରିଛନ୍ତି। ଏପରିସ୍ଥଳେ ସରକାରଙ୍କ ପାଖରେ କୋଟିଆର ବିକାଶ ସମ୍ପର୍କରେ ତଥ୍ୟ ନ ଥିବା ୫-ଟି ସରକାରଙ୍କ ପାରଦର୍ଶିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କୋରାପୁଟ ବାର ଆସୋସିଏଶନର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଅଜିତ ପାତ୍ର କହିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଅନେକ ସମୟରେ କୋଟିଆ ସମ୍ପର୍କରେ ଖବର ପ୍ରକାଶ ପାଉଥିବାବେଳେ ସରକାର ଏ ବିଷୟରେ ଅଜ୍ଞ ରହିବା ପରିତାପର ବୋଲି ପାତ୍ର ପ୍ରକାଶ କରିଛନ୍ତି। ତୃଣମୂଳ ସ୍ତରରେ କାର୍ଯ୍ୟ କରି କୋଟିଆକୁ ଆଲୋଚନାର ଶୀର୍ଷରେ ରଖିଥିବା ଗଣମାଧ୍ୟମ ପ୍ରତି ଏହା ଅପମାନ ବୋଲି କୋରାପୁଟ ପ୍ରେସ୍ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ଓଡିଶା ମାଟି ପ୍ରତି ଏକ ଅପମାନଜନକ ବିଷୟ। ମନ୍ତ୍ରୀ ଏଥିପାଇଁ ବିଧାନସଭାରେ କ୍ଷମା ମାଗିବା ମାଗନ୍ତୁ ବୋଲି ପୂର୍ବତନ ବିଧାୟକ ନିମାଇଁ ସରକାର ଦାବି କରିଛନ୍ତି।

# ବର୍ଷାଜଳ ସଂରକ୍ଷଣ ନାଁରେ ପୌର ପରିଷଦ କରୁଛି ଅର୍ଥ ଅପଚୟ

ସୁନାବେଡା/ସେମିଳିଗୁଡା, ୧୫।୭ (ସ୍ୱ.ପ୍ର.)

ଜଳ ହିଁ ଜୀବନ ଏ କଥା ସମସ୍ତେ ଜାଣିଛନ୍ତି। ସେଥିପାଇଁ ସରକାର ବିଭିନ୍ନ ସମୟରେ ପାଣି ନଷ୍ଟ ନ କରିବାକୁ ପରାମର୍ଶ ଦେଉଛନ୍ତି। ତା'ଛଡା ବିଭିନ୍ନ ଉପାୟ କରି ପାଣ ସଂରକ୍ଷଣ ପାଇଁ ବ୍ୟବସ୍ଥା କରୁଛନ୍ତି। ସେହିପରି କିଛି ଦିନ ପୂର୍ବରୁ ସରକାର ବର୍ଷା ପାଣିକୁ ସଂରକ୍ଷଣ କରି ଭୂତଳ ଜଳକୁ ବୃଦ୍ଧି ପାଇଁ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ଯୋଜନାରେ ବହୁ ସ୍ଥାନରେ ବର୍ଷା ଜଳ ସଂରକ୍ଷଣ କୁଣ୍ଡମାନ ତିଆରି ହୋଇଥିଲା। ଏହା ଏବେ ଏକ ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ ହୋଉଛି। ଏହି ଯୋଜନରେ ସୁନାବେଡା ପୌର ପରିଷଦ ପକ୍ଷରୁ କରାଯାଇଥିବା କୁଣ୍ଡଗୁଡିକର ଅବସ୍ଥା କେବଳ କେବଳ ଠିକାଦାରଙ୍କୁ ସୁହାଇବା ପରି ମନେ ହେଉଛି। ୨୬ ନଂ ଜାତୀୟ ରାଜପଥ ସେମିଳିଗୁଡା କଲେଜ ଛକଠାରୁ କଲେଜକୁ ଯିବା ରାସ୍ତା ପାର୍ଶ୍ୱରେ ବର୍ଷେରୁ କମ ଦିନ ହେଲା ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପ୍ରାୟ ୫/୭ ଶହ ମିଟର ଲମ୍ବ ୱାଟର ହାରଭେଷ୍ଟିଂ ସିଷ୍ଟମ ଏବେ କାମରେ ନ ଲାଗି ଖତ ହେବାକୁ ବସିଲାଣି। ସେପରି ପୂର୍ବରୁ ସେମିଳିଗୁଡା ଭେଣ୍ଡିଂ ଜୋନଠାରେ ନିର୍ମିତ ୱାଟର ହାରଭେଷ୍ଟିଂ ଉପରେ ଗଛ ଲତା ଉଠି ଜଙ୍ଗଲ ହେବାକୁ ବସିଛି। ସେହିପରି ବିଜୁ ପଟ୍ଟନାୟକ ପାର୍କ ପାର୍ଶ୍ୱରେ କରାଯାଇଥିବା ହାରଭେଷ୍ଟିଂ ମଧ୍ୟ ନଷ୍ଟ ହେବାକୁ ବସିଲାଣି । ସରକାରୀ ଯୋଜନାରେ ପୌର ପରିଷଦ ପକ୍ଷରୁ ଗତବର୍ଷ ପୌରାଞ୍ଚଳର ବିଭିନ୍ନ ଅଞ୍ଚଳରେ ଖୋଲା ଜମିରେ ନାଳ ନର୍ଦ୍ଦମାରେ ବହି ଯାଉଥିବା ବର୍ଷା ଜଳକୁ ସଞ୍ଚୟ କରି ନିର୍ମଳ ଜଳକୁ ଭୂମି ଭିତରକୁ ନିମ୍ନଗାମୀ କରାଯିବା ଏବଂ ଜଳସ୍ତର ବଢାଇବାର ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନାରେ ଏହା କରାଯାଇଥିଲା। ହେଲେ କାର୍ଯ୍ୟ ଶେଷ ହେବାର ଗୋଟିଏ ବର୍ଷ ନ ପୁରୁଣୁ ନିର୍ମିତ ୱାଟର ହାରଭେଷ୍ଟିଂରେ ମାଟି ଭର୍ତ୍ତି ହୋଇ ମାଟିରେ ମିଶିବାକୁ ଲାଗିଲାଣି। ଅନେକ ସ୍ଥାନରେ ନିର୍ମାଣ ହୋଇଥିବା ହାର ହାରଭେଷ୍ଟିଂ ଉପରେ ଗଛ ଲତା ଉଠି ଜଙ୍ଗଲ ପାଲଟିଗଲାଣି। ମାତ୍ର ଏଥିପ୍ରତି ପୌର ପ୍ରଶାସନର ଗୁରୁତ୍ୱ ଦେଉନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ସୁନାବେଡା ପୌର ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନାଙ୍କୁ ପଚାରିବାରୁ ସେ କହିଲେ ସମସ୍ତ କାର୍ଯ୍ୟଗୁଡିକର ମେଣ୍ଟେନାନ୍ସ କାମ କରାହେବ। ଜେଇଙ୍କୁ ପଠାଇ ସେ ସମସ୍ତ କାର୍ଯ୍ୟ ସ୍ଥଳ ବୁଲି ସ୍ଥିତି ଦେଖିବେ ବୋଲି କହିଥିଲେ।


ନଷ୍ଟ ହେଉଥିବା ୱାଟର ହାରଭେଷ୍ଟିଂ ।

